ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ...

ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ଶନିବାର ୨୧ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 21 February 2026
Vol.No. 36 ■ No.49 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ୩ ଲକ୍ଷ ୧୦ ହଜାର କୋଟିର ରାଜ୍ୟ ବଜେଟ୍



## ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ: ଶିକ୍ଷା, ମହିଳା ଓ କୃଷିକୁ ଫୋକସ

ଭୁବନେଶ୍ୱର, ୨୦/୨ (ନି.ପ୍ର): ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩.୧୦ଲକ୍ଷ କୋଟି ଟଙ୍କାର ଏକ ବିଶାଳ ବଜେଟ୍ ଆଜି ବିଧାନସଭାରେ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ରାଜ୍ୟର ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଭାବେ କ୍ରମାଗତ ତୃତୀୟଥର ପାଇଁ ସେ ଏହି ବଜେଟ ଉପସ୍ଥାପନ କରିଛନ୍ତି। ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଗ୍ରାମାଂଚଳ ଓ ସହରାଂଚଳ ଭିତ୍ତିଭୂମିକୁ ସର୍ବାଧିକ ପ୍ରାଥମିକତା ଦେଇ ମୋଟ୍ ବଜେଟର ୫୮.୦୬ ପ୍ରତିଶତ ଅର୍ଥାତ୍ ୧.୮୦ଲକ୍ଷ କୋଟି ଟଙ୍କା କେବଳ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ((୫.୯% ଅଧିକ) ପାଇଁ ବ୍ୟୟବରାଦ କରିଛନ୍ତି। ଏକାଧିକ ନୂଆ ଯୋଜନା ସହ ଚାକିରିଆଙ୍କୁ ଆଶ୍ୱସ୍ତି ଦେବାକୁ ପ୍ରଫେସନାଲ ଟ୍ୟାକ୍ସକୁ ସମ୍ପୂର୍ଣ୍ଣ ଉଚ୍ଛେଦ ସହ ଅଷ୍ଟମ ବେତନ କମିଶନ ଲାଗୁ ନିମନ୍ତେ ପାଣ୍ଠି ବ୍ୟୟବରାଦର ଘୋଷଣା କରିଛନ୍ତି। ରାଜ୍ୟ ଅର୍ଥନୀତିର ସୁପରିଚାଳନା ଯୋଗୁଁ ଓଡ଼ିଶାର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୯ ପ୍ରତିଶତ ହାରରେ ବୃଦ୍ଧି ପାଇ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୧୧.୦୭ଲକ୍ଷ କୋଟି ଟଙ୍କାରେ ପହଂଚିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆକଳନ କରିଛନ୍ତି। ଏଫଆରବିଏମ୍ ଆକ୍ଟ ଅନୁସାରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ପରିମାଣକୁ ୩.୫ ପ୍ରତିଶତ(ମୋଟ ରାଜ୍ୟ ଜିଡିପିର) ମଧ୍ୟରେ ସୀମିତ ରଖିଥିବା ସରକାର ବର୍ଷ ଶେଷବେଳକୁ ପ୍ରାୟ ୩୩ହଜାର କୋଟି ଟଙ୍କାର ବିଶାଳ ରାଜସ୍ୱ ବଳକା ସୃଷ୍ଟି କରିବାରେ ସମର୍ଥ ହେବେ ବୋଲି ଜଣାପଡ଼ିଛି । ପ୍ରଥମଥର ପାଇଁ ରାଜ୍ୟ ବଜେଟ ପରିମାଣ ୩ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩.୧୦ ଲକ୍ଷ କୋଟି ଟଙ୍କାର ଏକ ବିଶାଳ ବ୍ୟୟବରାଦ କରିଛନ୍ତି ସରକାର। ଯାହାକି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଆକାର ୨.୯୦ ଲକ୍ଷ କୋଟି ଟଙ୍କା ତୁଳନାରେ ପ୍ରାୟ ୬.୯ ପ୍ରତିଶତ ଅଧିକ। ୨୦୨୬-୨୭ ଆର୍ଥିକ ବର୍ଷରେ ନିଜସ୍ୱ ଟିକସରୁ ୭୦ହଜାର କୋଟି ଓ ଅଣଟିକସ ରାଜସ୍ୱରୁ ୭୧ହଜାର କୋଟିର ମୋଟ୍ କେନ୍ଦ୍ର ସରକାରଙ୍କଠୁ ◆◆ପୃଷ୍ଠା ୭

## କେଉଁ ବିଭାଗକୁ କେତେ ?

- ସୁଭଦ୍ରା ଯୋଜନା- ୧୦ ହଜାର ୧୪୫ କୋଟି
- ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା- ୬୩୦୯ କୋଟି
- ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିସନ- ୫ ହଜାର ୮ କୋଟି
- ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା- ୧୦୦ କୋଟି
- ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା- ୭୩୨ କୋଟି
- ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା- ୬୩୫ କୋଟି
- ଶ୍ରୀଅନ୍ନ ଯୋଜନା- ୪୦୦ କୋଟି ଟଙ୍କା
- ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ- ୫୦୦ କୋଟି
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ- ୧୦୧୦ କୋଟି
- ସମୃଦ୍ଧ କୃଷକ ଯୋଜନା ପାଇଁ ୬୦୮୮ କୋଟି
- ଅମୃତ ପ୍ରକଳ୍ପ ଯୋଜନା ପାଇଁ ୯୧୬ କୋଟି

## ସରକାରଙ୍କ ୧୬ଟି ପ୍ରମୁଖ ନୂତନ ଯୋଜନା

- ଭିଭି ଜି ରାମ ଜୀ: ଏହି ବଡ଼ ପ୍ରକଳ୍ପ ପାଇଁ ୫,୫୭୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।
- ବିଚ୍ଛିନ୍ନ ଅଞ୍ଚଳକୁ ଯୋଗାଯୋଗ: ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବାକୁ ୧,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ସମୃଦ୍ଧ ଅଙ୍ଗନବାଡି ଯୋଜନା: ଶିଶୁ ଓ ମହିଳା କଲ୍ୟାଣ ପାଇଁ ୬୩୫ କୋଟି ଟଙ୍କା ଧାର୍ଯ୍ୟ ହୋଇଛି ।
- କୃଷି ଓ ଷ୍ଟୋରେଜ୍: ଶସ୍ୟ ସଂରକ୍ଷଣ ପାଇଁ ୱାର୍ଲଡ ଗ୍ରେନ୍ ଷ୍ଟୋରେଜ ପ୍ଲାନ୍ ଏବଂ ଚାଷୀଙ୍କ ସୁବିଧା ପାଇଁ ମଡେଲ ମଣ୍ଡି ପ୍ରତିଷ୍ଠା ହେବ ।
- ଆଧୁନିକ ପ୍ରଯୁକ୍ତିବିଦ୍ୟା: ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବାକୁ ଷ୍ଟେଟ ଏ ଆଇ ମିସନ ଏବଂ ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ମ ଟ୍ରାନ୍ସଫରମେଟିଭ ଇନିସ୍ଏଟିଭ ଆରମ୍ଭ ହେବ ।
- ସଂସ୍କୃତି ଓ ପର୍ଯ୍ୟଟନ: ପୁରୀରେ ୱାର୍ଲଡ ଟୁରିଜିମ୍ ସେଣ୍ଟର ସହ ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର ପ୍ରତିଷ୍ଠା ହେବ । ସେହିପରି ତାଲଖାଇ ପାଇଁ ୨୨୦ କୋଟି ଏବଂ ଟୁରିଜିମ ଲାଣ୍ଡ୍ ବ୍ୟାଙ୍କ ସ୍କିମ ପାଇଁ ୧୫୦ କୋଟି ଟଙ୍କା ରଖାଯାଇଛି ।
- ଅନ୍ୟାନ୍ୟ: ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ସ୍ମାର୍ଟ ସିଟି ମିସନ, ରେଆର ଆର୍ଥ କରିଡର ଏବଂ ଫିଟ୍ ଓଡିଶା ମିସନ (୧୦ କୋଟି) ଭଳି ଯୋଜନା ସାମିଲ ଅଛି ।

## ଓଡ଼ିଶାର ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ହେବ: ଧର୍ମେନ୍ଦ୍ର



୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ବିଧାନସଭାରେ ପ୍ରାୟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପିତ କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବଜେଟ୍ 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍। ଏହା ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ। ବଜେଟରେ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ ହୋଇଛି। ଚଳିତ ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ।

## ନବୀନ କହିଲେ 'ଫୁଲ୍ ମେନ୍ୟୁ ଇନ୍ ଏମପ୍ଟି କିଚେନ'



ଆସିଲା ଚଳିତ ଆର୍ଥିକ ବର୍ଷର ବଜେଟ । ୨ ଘଣ୍ଟା ଧରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ ଉପସ୍ଥାପନ କରିବା ପରେ ଏଥରର ବଜେଟକୁ ଚିରାଚରିତ ଢଙ୍ଗରେ ନୈରାଶ୍ୟଜନକ ବୋଲି କହିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବଜେଟକୁ ନେଇ ବିରୋଧୀ ଦଳନେତା ନବୀନ ପଟ୍ଟନାୟକ ଫୁଲ୍ ମେନ୍ୟୁ ଇନ୍ ଏମପ୍ଟି କିଚେନ କହିଥିବା ବେଳେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ- ଭାରତୀୟ ଜନତା ପାର୍ଟିର ସରକାରରେ ଯେଉଁମାନେ ରାଜ୍ୟରେ ଅଛନ୍ତି ସେମାନଙ୍କର ଅର୍ଥନୀତି ଉପରେ ଜ୍ଞାନ ଅଛି ବୋଲି ମୁଁ ଭାବୁନି । ନବୀନ ବାବୁ ଅର୍ଥନୀତି ବୁଝନ୍ତି, ୨୪ ବର୍ଷ ଭିତରେ ଗୋଟେ ଦୁର୍ବଳ ରାଜ୍ୟକୁ ସ୍ୱଚ୍ଛଳ କରି ସେ ଉଦାହରଣ ସୃଷ୍ଟି କରିଛନ୍ତି । ନବୀନ ବୁଝିଛନ୍ତି ଏ ସରକାରର କୌଣସି ଭିଜନ ନାହିଁ । ଏଥର ବଜେଟ ସବୁଠାରୁ ଖରାପ ବଜେଟ୍ ବୋଲି ଗୌତମବୁଦ୍ଧ କହିଛନ୍ତି । ◆◆ପୃଷ୍ଠା ୭

## ବଜେଟ୍: ୨୦୨୬-୨୭ ଓଡ଼ିଶାର ଶ୍ରମଜୀବୀ, କୃଷିଜୀବୀଙ୍କ ପାଇଁ ସହାୟତା ଅତି ନଗଣ୍ୟ: ସିପିଆଇ (ଏମ୍)

ଓଡିଶା ବଜେଟ୍: ୨୦୨୬-୨୭ ରାଜ୍ୟର ଶ୍ରମଜୀବୀ ଏବଂ କୃଷିଜୀବୀ ଲୋକଙ୍କ ପାଇଁ ସହାୟତା ଅତି ନଗଣ୍ୟ ବୋଲି ସି.ପି.ଆଇ.(ଏମ) ଓଡିଶା ରାଜ୍ୟ ସମ୍ପାଦକମଣ୍ଡଳୀ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛି। ରାଜ୍ୟ ସରକାର ଏହି ବଜେଟ୍‌କୁ 'ଗରିବମୁଖୀ' ଓ 'ସମାବେଶୀ' ବୋଲି ପ୍ରଚାର କରୁଥିଲେ ମଧ୍ୟ, ପ୍ରକୃତରେ ଏହା ଶ୍ରମିକ, କୃଷକ, ଯୁବ, ମହିଳା ଓ ପଛୁଆ ବର୍ଗର ମୂଳ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ କୌଣସି ପ୍ରାବଧାନ ହୋଇନାହିଁ। ଏହି ବଜେଟ୍ ପୂର୍ବପରି କର୍ପୋରେଟ ସପକ୍ଷବାଦୀ ଓ ଲୋକ ବିରୋଧୀ ଆଭିମୁଖ୍ୟକୁ ଜାରି ରଖିଛି। ସିପିଆଇ (ଏମ୍) ପକ୍ଷରୁ କୁହାଯାଇଛି ଯେ, ମୂଲ୍ୟବୃଦ୍ଧି ଓ ବେକାରୀ ସମସ୍ୟା ଉପରେ ପ୍ରଭାବୀ ପଦକ୍ଷେପ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଓ ଯୁବମାନଙ୍କ ମଧ୍ୟରେ ବଢ଼ୁଥିବା ଉତ୍କଟ ବେକାରୀ ସମସ୍ୟା କୁ ରୋକିବା ପାଇଁ ବଜେଟ୍‌ରେ କୌଣସି ଠୋସ ପଦକ୍ଷେପ ଦେଖାଯାଉ ନାହିଁ। କେବଳ କୌଶଳ ଶିକ୍ଷାର ସ୍ଲୋଗାନ୍ ଦେଇ ବେକାରୀ ସମସ୍ୟାର ସମାଧାନ ସମ୍ଭବ ନୁହେଁ। ସରକାରୀ ବିଭାଗ ଗୁଡ଼ିକ ରେ ଖାଲି ପଡ଼ିଥିବା ସମସ୍ତ ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟୟ ବରାଦ ହୋଇ ନାହିଁ। କୃଷି ଓ କୃଷକ ସମସ୍ୟାକୁ ପୁଣି ଅବହେଳା କରାଯାଇଛି।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣ : ଚାଲିଗଲା ମା'ଝିଅଙ୍କ ଜୀବନ

କଟକ, ୨୦/୨ (ନି.ପ୍ର): କଟକ ଜିଲ୍ଲା ପାଗାରେ ବାଣ ବିସ୍ଫୋରଣ ଘଟଣାରେ ବଢୁଛି ମୃତ୍ୟୁ ସଂଖ୍ୟା। ଆଜି ଆଉ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବେଳେ ସୁଧାଂଶୁବାଳାଙ୍କର ଆଜି ସକାଳେ ମୃତ୍ୟୁ ହୋଇଛି । ଗତକାଲି ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ମା' ଓ ଝିଅଙ୍କ ଜୀବନ ଚାଲିଯାଇଥିଲା । ୩୨ ବର୍ଷୀୟା ଜୁଲି ନାୟକ ଓ ତାଙ୍କ ୩ବର୍ଷ ଝିଅର ମୃତ୍ୟୁ ହୋଇଥିଲା । ଜୁଲିଙ୍କ ଶାଶୁ ସୁଧାଂଶୁବାଳାଙ୍କର ଆଜି ମୃତ୍ୟୁ ହୋଇଛି । ଜଗତପୁର ପାଗା ଫାଣ୍ଡି ଅନ୍ତର୍ଗତ ମହାଜନପୁର ନାୟକ ସାହିରେ ଅଘଟଣ ଘଟିଥିଲା। ଗତ ରାତି ପ୍ରାୟ ୭ଟା ସମୟରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହେବାର କିଛି ସମୟ ମଧ୍ୟରେ ଅଞ୍ଚଳ ଧୂଆଁ ମୟ ହୋଇ ପଡ଼ିଥିଲା । ଶାଶୂ, ବୋହୂ ଓ ନାତୁଣୀ ଅର୍ଦ୍ଧଦଗ୍ଧ ଅବସ୍ଥାରେ ତଳେ ପଡ଼ିଥିଲେ। ପୁଲିସ୍ ସହାୟତାରେ ତୁରନ୍ତ ସେମାନଙ୍କୁ ଏସସିବିକୁ ନିଆଯାଇଥିଲା। ଏହାପରେ ଜଣକ ପରେ ଜଣଙ୍କର ମୃତ୍ୟୁ ହେଉଛି ।

## ପ୍ରଶାନ୍ତ ମହାସାଗରରୁ ୧୦ ଟନରୁ ଅଧିକ କୋକେନ୍ ଜବତ: ୩ ଅଟକ

ନୂଆଦିଲ୍ଲୀ,୨୦/୨ : ମେକ୍ସିକୋ ଓ ଏଲ ସାଲଭାଡୋରର ନୌସେନା ପ୍ରଶାନ୍ତ ମହାସାଗରରେ ୧୦ ଟନରୁ ଅଧିକ କୋକେନ୍ ଜବତ କରିଥିବା ଦାବି କରିଛନ୍ତି। ଆମେରିକୀୟ ଗୁପ୍ତଚରଙ୍କ ଗୁପ୍ତ ସୂଚନା ଆଧାରରେ ଏହି ଅଭିଯାନ କରାଯାଇଥିଲା। ଏଲ ସାଲଭାଡୋର ୬.୬ ଟନର କୋକେନ୍ ଜବତ କରିଥିବାବେଳେ ମେକ୍ସିକୋ ଚାରି ଟନ ଜବତ କରିଛି। ଲାଟିନ୍ ଆମେରିକୀୟ ଜଳସୀମାରେ କୋକେନ୍ ପରିବହନ କରାଯାଉଥିବା ସନ୍ଦେହରେ କିଛି ଡଙ୍ଗା ଉପରେ ଘାତକ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩ଜଣଙ୍କୁ ଅଟକ ରଖାଯାଇଛି। ଗୁରୁବାର ମେକ୍ସିକୋ ପକ୍ଷରୁ କୋକେନ୍ ଜବତ ନେଇ ସୂଚନା ଦିଆଯାଇଥିଲା। ମେକ୍ସିକୋର ସୁରକ୍ଷା ମନ୍ତ୍ରୀ ◆◆ପୃଷ୍ଠା ୭

## ଡୋନାଲ୍ଡ ଟ୍ରମ୍ପଙ୍କୁ ଶକ୍ତ ଝଟ୍‌କା: ଟାରିଫ୍‌କୁ ବେଆଇନ୍ କହିଲେ ଆମେରିକା ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୨୦/୨ : ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକା ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ଶୁକ୍ରବାର କୋର୍ଟ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ବ୍ୟାପକ 'ଟାରିଫ' ବା ଆମଦାନୀ ଶୁଳ୍କକୁ ବେଆଇନ ଘୋଷଣା କରି ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ଜନ ରବର୍ଟସ୍‌ଙ୍କ ନେତୃତ୍ୱରେ ୬-୩ ବହୁମତରେ ଏହି ନିଷ୍ପତ୍ତି ଶୁଣାଯାଇଛି। କୋର୍ଟ ନିମ୍ନ ଅଦାଲତର ସେହି ଆଦେଶକୁ ବଜାୟ ରଖିଛନ୍ତି, ଯେଉଁଥିରେ ଟ୍ରମ୍ପଙ୍କ ଟାରିଫ ନୀତିକୁ ଅସମ୍ବିଧାନିକ କୁହାଯାଇଥିଲା। କୋର୍ଟଙ୍କ କହିବା ଅନୁଯାୟୀ, ୧୯୭୭ର ଏକ ଜରୁରୀକାଳୀନ ଆଇନକୁ ଭୁଲ ଭାବେ ବ୍ୟବହାର କରି ଟ୍ରମ୍ପ ନିଜ କ୍ଷମତାର ସୀମା ଅତିକ୍ରମ କରିଛନ୍ତି। କେବଳ ଜରୁରୀ ପରିସ୍ଥିତି ପାଇଁ ଉଦ୍ଦିଷ୍ଟ ଏହି ଆଇନକୁ ବ୍ୟବହାର କରି ବ୍ୟାପକ ଭାବେ ଟାରିଫ ଲଗାଇବା ବେଆଇନ। ଆମେରିକୀୟ ସମ୍ବିଧାନ ଅନୁଯାୟୀ, ଟ୍ୟାକ୍ସ କିମ୍ବା ଟାରିଫ ଧାର୍ଯ୍ୟ କରିବା ଅଧିକାର କେବଳ 'କଂଗ୍ରେସ' (ସଂସଦ) ପାଖରେ ଅଛି, ରାଷ୍ଟ୍ରପତିଙ୍କ ପାଖରେ ନୁହେଁ। ତେବେ କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ବିଶ୍ୱ ବଜାରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ◆◆ପୃଷ୍ଠା ୭

## ଶିକ୍ଷା ବ୍ୟବସ୍ଥାରେ ବିକଳ ଚିତ୍ର: ରାଜ୍ୟରେ ପୁଣି ବଢ଼ିଲା ଡ୍ରପଆଉଟ ହାର



ଭୁବନେଶ୍ୱର, ୨୦/୨ (ନି.ପ୍ର): ଓଡ଼ିଶାରେ ପୁଣି ଉପରମୁହାଁ ଡ୍ରପ୍‌ଆଉଟ ହାର । ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ପ୍ରତି ୧୦୦ରେ ୧୫ ଜଣ। ଆଜି ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉତ୍ତର ସାରା ରାଜ୍ୟରେ ଉଦବେଗ ସୃଷ୍ଟି କରିଛି । ଶିକ୍ଷାକୁ ନେଇ ଏବେ ବି ଲୋକଙ୍କୁ ସଚେତନ କରାଯାଇପାରୁନି କାହିଁକି ? କାହିଁକି ହାଇସ୍କୁଲରେ ପଢୁଥିବା ବହୁ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ଆଗରୁ ବହି ବସ୍ତାନିରେ ଡୋରି ବାନ୍ଧୁଛନ୍ତି, ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଶିକ୍ଷାବିତ୍ । ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୧୨ହଜାର ଛାତ୍ରଛାତ୍ରୀ ◆◆ପୃଷ୍ଠା ୭

## ନୂଆଦିଲ୍ଲୀରେ ଏଆଇ ମହାକୁମ୍ଭ ଉଦ୍‌ଯାପିତ: ପ୍ରସ୍ତୁତ ହେଲା ରୋଡମ୍ୟାପ୍

ନୂଆଦିଲ୍ଲୀ,୨୦/୨ : ନୂଆଦିଲ୍ଲୀରେ ଆୟୋଜିତ ଏଆଇ ସମ୍ମିଳନୀ ଶେଷ ହୋଇଛି । ବିଶ୍ୱରେ ଏଆଇ ଗଭର୍ଣ୍ଣାନ୍ସ ଓ ଭାଗୀଦାରି ନେଇ ଘୋଷଣା କରାଯାଇଛି ରୋଡମ୍ୟାପ୍ । ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଦେଶର ବୈଷୟିକ ବିଶେଷଜ୍ଞ ଓ ନେତା ଯୋଗଦେଇ ସବୁ କ୍ଷେତ୍ରରେ ଏଆଇର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଶ୍ୱରେ ସବୁକ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲେକଚୁଆଲ- ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାର ବହୁଳ ବ୍ୟବହାର ନେଇ ୫ ଦିନ ଧରି କରାଯାଇଥିଲା ମାନସମନ୍ଥନ । ଏଆଇ ବ୍ୟବହାର ଦ୍ୱାରା ବିକାଶକୁ ଦ୍ରୁତଗତିରେ ଆଗକୁ ନେବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ବିଭିନ୍ନ ଦେଶର ବୈଷୟିକ ବିଶେଷଜ୍ଞ ଓ ନେତା ଯୋଗଦେଇ ଆଲୋଚନା କରିଛନ୍ତି । ବିଶ୍ୱରେ ଏଆଇ ବ୍ୟବହାରରେ ଭାରତ- ଆମେରିକା ସହଭାଗିତାକୁ ଗୁଗଲ ସିଇଓ ସୁନ୍ଦର ପିଚାଇ ପ୍ରଶଂସା କରିଥିଲେ । ଏକ୍ଷେତ୍ରରେ ଗୁଗଲ୍ ଏକ ସମ୍ପର୍କର ସେତୁ ହେବ ବୋଲି କହିଥିଲେ ସୁନ୍ଦର ପିଚାଇ । ଏଆଇ ସମ୍ମିଳନୀ ଅବସରରେ ◆◆ପୃଷ୍ଠା ୭

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୨୦/୨ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ବିଶେଷ କରି 'ବସୁଧା' ଯୋଜନାରେ ହେଲ୍ପଲାଇନ ଓ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଯେଉଁ ଅଂଚଳରେ ପିଇବା ପାଣିର ସମସ୍ୟା ଦେଖାଯାଏ ସେହି ସବୁ ଅଂଚଳରେ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ଉପରେ ଜିଲ୍ଲାପାଳ ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ପଂଚମ ରାଜ୍ୟ ଅର୍ଥ କମିଶନ ଏବଂ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଜିଲ୍ଲାର ୪୨ଟି ଗ୍ରାମ ପଂଚାୟତରେ ବ୍ଲକଓ୍ୱାରି ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ପିଡବ୍ଲୁଡ଼ି, ଆରଡି ଏବଂ ଜାତୀୟ ରାଜପଥ କାମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଇପଲାଇନଗୁଡ଼ିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଗା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ପୋଲିସର ସ୍ୱତନ୍ତ୍ର ଅଭିଯାନ

ବଲାଙ୍ଗିର, ୨୦/୨ (ନି.ପ୍ର): ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ପକ୍ଷରୁ ଏକ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। 'ମାଓବାଦୀ ଧରାଇ ଦିଅନ୍ତୁ, ପୁରସ୍କାର ପାଆନ୍ତୁ' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି ପୋଲିସ। ଏହି ଅଭିଯାନ ମାଧ୍ୟମରେ ମାଓବାଦୀଙ୍କ ବିଷୟରେ ସୂଚନା ଦେଉଥିବା ବ୍ୟକ୍ତିଙ୍କୁ ଆକର୍ଷଣୀୟ ନଗଦ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ବଲାଙ୍ଗିର ଜିଲ୍ଲାର ଲାଲଗଡ଼ ରୂପେ ପରିଚିତ ଗନ୍ଧମାର୍ଦ୍ଦନ ଅଂଚଳରେ ପୋଲିସ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି । ଏହି ପୋଷ୍ଟରରେ ଉଲ୍ଲେଖ କରାଯାଇଛି ଯେ, ହାର୍ଡ଼କୋର୍ ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର ଦିଆଯିବ । ବଲାଙ୍ଗୀର ପୋଲିସ ପକ୍ଷରୁ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଂଚଳ ଏବଂ ବିଭିନ୍ନ ଦୁର୍ଗମ ଅଂଚଳରେ ରହିଥିବା ଗ୍ରାମରେ ବ୍ୟାପକ ପୋଷ୍ଟର ଲଗାଯାଇଛି। ଖପ୍ରାଖୋଲ, ହରିଶଙ୍କର ଏବଂ ନାନ୍ଦୁପଲା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଏହି ପୋଷ୍ଟର ମରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ପୋଲିସର ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି ସ୍ଥାନୀୟ ଲୋକଙ୍କ ସହଯୋଗରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ମାର୍ଚ୍ଚ ମାସ ସୁଦ୍ଧା ମାଓବାଦୀଙ୍କୁ ଦମନ କରିବା। ପୋଲିସ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଯେଉଁ ବ୍ୟକ୍ତି ମାଓବାଦୀଙ୍କ ଗତିବିଧି, ଆଶ୍ରୟସ୍ଥଳୀ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବେ, ସେମାନଙ୍କୁ ପୋଲିସ ପକ୍ଷରୁ ନଗଦ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସୂଚନା ପ୍ରଦାନକାରୀଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ଏଥିପାଇଁ ପୋଷ୍ଟରରେ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବର ମଧ୍ୟ ଜାରି କରାଯାଇଛି, ଯାହା ମାଧ୍ୟମରେ ଲୋକମାନେ ସିଧାସଳଖ ପୋଲିସ ସହ ଯୋଗାଯୋଗ କରିପାରିବେ। କେବଳ ସୂଚନା ସଂଗ୍ରହ ନୁହେଁ, ଏହି ଅଭିଯାନ ମାଧ୍ୟମରେ ମାଓବାଦୀମାନଙ୍କୁ ମୁଖ୍ୟସ୍ରୋତକୁ ଫେରିଆସିବା ପାଇଁ ମଧ୍ୟ ଆହ୍ୱାନ କରାଯାଇଛି। ସରକାରଙ୍କ ଆତ୍ମସମର୍ପଣ ଓ ଥଇଥାନ ନୀତି ଅନୁଯାୟୀ, ଆତ୍ମସମର୍ପଣ କରୁଥିବା ମାଓବାଦୀ ମାନଙ୍କୁ ଆର୍ଥିକ ସହାୟତା, ଘର ଏବଂ ରୋଜଗାରର ସୁଯୋଗ ଯୋଗାଇ ଦିଆଯିବ ବୋଲି ଏହି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ହିଂସା ପରିତ୍ୟାଗ କରି ଶାନ୍ତିପୂର୍ଣ୍ଣ ଜୀବନଯାପନ କର ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୁଅ ବୋଲି ପୋଲିସ ଏହି ପୋଷ୍ଟର ମାଧ୍ୟମରେ ନିବେଦନ କରିଛି।

# ୨୦ଟି ଆଦିବାସୀ ଜମି ସଂକ୍ରାନ୍ତୀୟ ବିବାଦର ଶୁଣାଣି

ମାଲକାନଗିରି, ୨୦/୨ (ନି.ପ୍ର): ମାଲକାନଗିରି ଜିଲାରେ ଫଇସଲା ହେବ ଆଦିବାସୀ ଜମି ସଂକ୍ରାନ୍ତିୟ ବିବାଦ । ଜିଲ୍ଲାରେ ପ୍ରଥମ ଥର ପାଇଁ ମାଥିଲିରେ ୨୦ଜଣଙ୍କ ଅଭିଯୋଗ ଶୁଣାଣି କରିଛନ୍ତି ଉପଜିଲ୍ଲାପାଳ । ମାଥିଲି ତହସିଲଦାରଙ୍କ ଉପସ୍ଥିତିରେ ଆଦିବାସୀ ଜମି କିଣାବିକା ସଂକ୍ରାନ୍ତିୟ ଅଭିଯୋଗ, ଅଣ ଆଦିବାସୀ ଜମି ଅକ୍ତିଆର କରିବା ଓ ଅଣ ଅଧିକାର ପ୍ରବେଶ, ଜମି ଜାଲିଆତି ଅଭିଯୋଗର ଶୁଣାଣି ହୋଇଛି । ଆଗକୁ ମାଲକାନଗିରି ଜିଲାର ସମସ୍ତ ତହସିଲ ଅଧିନରେ ଆଦିବାସୀ ଜମି ସଂକ୍ରାନ୍ତିୟ ଅଭିଯୋଗର ଶୁଣାଣି ପ୍ରକୋଷ୍ଠ ଅନୁଷ୍ଠିତ ହେବ । ପ୍ରତ୍ୟେକ ପଂଚାୟତ ଅଧିନରେ ମଧ୍ୟ ଶୁଣାଣି କରି ଆଦିବାସୀଙ୍କ ବିନା ଅନୁମତିରେ ଦଖଲ ହୋଇଥିବା ଜମି, ଜମି ଜାଲିଆତିକୁ ରଦ୍ଦ କରି ପୁନର୍ବାର ଆଦିବାସୀଙ୍କୁ ଜମି ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ମାଲକାନଗିରି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ।

ଦୀର୍ଘ ବର୍ଷରୁ ମାଲକାନଗିରି ଜିଲାରେ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କ ଦଖଲରେ ରହିଛି । ଅଧିକାଂଶ ଜାଲିଆତି କରି ଜମି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି । ନିରୀହ ଆଦିବାସୀଙ୍କୁ ଭୁତାଇ ଜମି ଦଲାଲମାନେ ମାଲେମାଲ ହେଉଛନ୍ତି । ଏ ସମସ୍ତ ଦୃଷ୍ଟିରୁ ପ୍ରଶାସନ ତରଫରୁ ଏହି ଅଭିଯୋଗ ପ୍ରକୋଷ୍ଠକୁ ତ୍ୱରାନ୍ୱିତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି ।

# ଯାନ୍ତ୍ରିକ ଯୁଗରେ ଶୁଭୁନି ହଳିଆ ଗୀତ, ମେସିନରେ ହେଉଛି ଧାନ ଅମଳ

ଜୟପୁର, ୨୦/୨ (ନି.ପ୍ର): କୃଷି ପ୍ରଧାନ କୋରାପୁଟ ଜିଲାରେ ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକମାନେ ସମୟ ଦେଉଥିଲେ । ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଠାରୁ ଆରମ୍ଭକରି ରୁଆ, ବୁଣା, ଧାନ ବଛା, ଶେଷରେ ଧାନ କଟା ଓ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ମାନେ ନିୟୋଜିତ ରହୁଥିଲେ । କ୍ଷେତରୁ ବର୍ଷକର ରୋଜଗାର ପାଉଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ । ଜମିରେ ହଳ, ବଳଦରୁ ଆରମ୍ଭ କରି ଜମି ଚାଷ ପାଇଁ ଲଙ୍ଗଳ, ମହି ଆଦି ବ୍ୟବହାର କରୁଥିଲେ । ଏଥିପାଇଁ ରାଜ୍ୟରେ ବଳଦ ବହୁଳ ବ୍ୟବହାର ହେଉଥିଲା । ଏବେ କିନ୍ତୁ ସମୟ ବଦଳିଛି ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶିଳ ହେଲେଣି ଚାଷୀ ଫଳରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି । ଚାଷ ଜମିରେ ମଧ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି । ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି । ଗୋରୁମାନଙ୍କୁ ନେଇ ଧାନ ମଳା ଯାଉନି । ମେସିନରେ ଧାନ ଅମଳ ହେଉଛି । ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଉଥିଲା । ତାହା ବର୍ଷ ସାରା ଗାଇଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା । ହେଲେ ଏବେ ପାଳ ମଧ୍ୟ ଅଧିକ ଦେଖିବାକୁ ମିଳୁନି । କାଁ ଭାଁ କିଛି ଚାଷୀ ଗୋରୁମାନଙ୍କୁ ନେଇ ଗାଁ ଗହଳିରେ ବେଙ୍ଗଳା ବୁଲାଇ ଧାନ ଅମଳ କରୁଥିବା ବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି । ପୂର୍ବରୁ କୋରାପୁଟ ଜିଲାର ବୋରିଗୁମ୍ମାସ ବୈପାରିଗୁଡା, କୁନ୍ଦୁରା, ଜୟପୁର, କୋଟପାଡ ବ୍ଲକ ଧାନ ଅମଳ ବେଳେ କୃଷି ଶ୍ରମିକ ମାନେ ଗୋରୁ ମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ହଳିଆ ଗୀତ ଗାଉଥିଲେ । ତେବେ ଖର୍ଚ୍ଚ କମିବା ସହ କମ୍ ସମୟରେ ଧାନ ଅମଳ ହୋଇ ପାରୁଥିବାରୁ ଏବେ ମେସିନ ସହାୟତାରେ ହିଁ ଧାନ ଅମଳ କରାଯାଉଛି । ପୂର୍ବରୁ ଅମଳ ପରେ ଏହାକୁ ସଂରକ୍ଷଣ କରିବାକୁ ସେଥିରୁ ବାହାରୁଥିବା ପାଳକୁ ବଳି ଦଉଡି ପ୍ରସ୍ତୁତ କରି ପୁଡୁଗ କରୁଥିଲେ ଚାଷୀ । କିନ୍ତୁ, ଆଜିର ଯାନ୍ତ୍ରୀକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ଜମିରୁ ହିଁ ଅଖାରେ ଭର୍ତ୍ତି କରି ମିଲ୍ କୁ ପଠାଇ ଦିଆଯାଉଛି । ଷ୍ଟିମ ଦେଇ ଧାନରୁ ଚାଉଳ ବାହାର କରାଯାଇ ତାକୁ ବଜାରକୁ ଛାଡି ଦିଆଯାଉଛି । ଏସବୁ ଚାଉଳ ଖାଇ ଲୋକେ ପ୍ରାକୃତିକ ପୃଷ୍ଟିକରରୁ ବଂଚିତ ହେବା ସହ ରୋଗ ନିରୋଧ ଶକ୍ତି ହ୍ରାସ ପାଉଥିବା କହିଛନ୍ତି ଚାଷୀ । ବାସ୍ତବରେ ଏବେ ଆଧୁନିକତା ଦ୍ୱାହି ଦେଇ ପୁରୁଣା ପରମ୍ପରାକୁ ଭୁଲି ଗଲେଣି ଅନେକ ଚାଷୀ ସେପଟେ କୃଷି ଶ୍ରମିକ ମାନେ କାମ ଧନ୍ଦା ଅଭାବରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଥିବା ଚାଷି ମାନେ ଅଭିଯୋଗ କରିଛନ୍ତି ।

# ଓଭରଲୋଡ଼ିଂ ପାଉଁଶ ଗାଡି ଅଟକାଇଲେ ଗ୍ରାମବାସୀ : ୭ଟି ଭାରୀଯାନ ଜବତ, ୬.୪୪ ଲକ୍ଷ ଟଙ୍କା ଜରିମାନା ଆଦାୟ

ଝାରସୁଗୁଡା, ୨୦/୨ (ନି.ପ୍ର): ଝାରସୁଗୁଡା ସହରର ବଡ଼େଇମୁଣ୍ଡା ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଓଭରଲୋଡ଼ିଂ ପାଉଁଶ ବୋଝେଇ ଭାରୀଯାନ ଚଳାଚଳକୁ ନେଇ ଉତେଜନା ସୃଷ୍ଟି ହୋଇଥିଲା। ବଡ଼େଇମୁଣ୍ଡା ଓ ଦେବାଡ଼ିହି ଗ୍ରାମବାସୀମାନେ ମିଶି ୭ଟି ପାଉଁଶ ବୋଝେଇ ଭାରୀଯାନକୁ ଅଟକ ରଖି ପ୍ରଶାସନକୁ ସୂଚନା ଦେଇଥିଲେ। ପରେ ପରିବହନ ବିଭାଗ ପକ୍ଷରୁ ପହଂଚି ଉକ୍ତ ଯାନଗୁଡିକୁ ଜବତ କରି ମୋଟ ୬ ଲକ୍ଷ ୪୪ ହଜାର ୩ଶହ ୧୦ ଟଙ୍କା ଜରିମାନା କାଟିଥିବା ସୂଚନା ମିଳିଛି।ସୂଚନା ଅନୁସାରେ, ବେଆଇନ ଭାବେ ପାଉଁଶ ବୋଝେଇ କରି ୭ଟି ଭାରୀଯାନ ବଡ଼େଇମୁଣ୍ଡା ରାସ୍ତା ଦେଇ ଯାଉଥିବା ବେଳେ ଗ୍ରାମବାସୀମାନେ ପୂର୍ବ ଯୋଜନା ଅନୁଯାୟୀ ସେଗୁଡିକୁ ଅଟକ ରଖିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଗତ ଦୁଇ ମାସ ଧରି ରାତ୍ରିବେଳେ ଜନଗହଳି ଶୂନ୍ୟ ସମୟରେ ଏହି ରାସ୍ତା ଦେଇ ଓଭରଲୋଡ଼ିଂ ପାଉଁଶ ପରିବହନ ହେଉଛି। ଫଳରେ ରାସ୍ତା ସାରା ପାଉଁଶ ପଡ଼ି ଧୂଳିକଣାରେ ପରିଣତ ହେଉଥିବାରୁ ଦେବାଡ଼ିହି ଓ ବଡ଼େଇମୁଣ୍ଡା ଗ୍ରାମବାସୀ ସହିତ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେବାଡ଼ିହି ଗ୍ରାମର ଦୁଷ୍ମନ୍ତ ପାଣ୍ଡେ କହିଛନ୍ତି ଯେ, ଏହି ସମସ୍ୟା ସମ୍ପର୍କରେ ଗତ ଜାନୁଆରୀ ୫ ତାରିଖରେ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଜିଲ୍ଲାପାଳ ଜିଲ୍ଲା ପରିବହନ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିଲା। ଏହାକୁ ନେଇ ଅସନ୍ତୁଷ୍ଟ ହୋଇ ଗ୍ରାମବାସୀମାନେ ମଙ୍ଗଳବାର ରାତ୍ରିରେ ଯାନଗୁଡିକୁ ଅଟକ ରଖିଥିବା କହିଛନ୍ତି। ଆଗାମୀ ଦିନରେ ଏହି ରାସ୍ତା ଦେଇ ପାଉଁଶ ଗାଡି ଚଳାଚଳ କରିବାକୁ ଦେବେ ନାହିଁ ବୋଲି ସେମାନେ ସତର୍କ କରିଛନ୍ତି।ଏନେଇ ଜିଲ୍ଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ର କହିଛନ୍ତି ଯେ, ଗ୍ରାମବାସୀମାନଙ୍କ ଦ୍ୱାରା ଅଟକ ରଖାଯାଇଥିବା ୭ଟି ବେଆଇନ ପାଉଁଶ ବୋଝେଇ ଭାରୀଯାନକୁ ମୋଟ୍ ୬,୪୪,୩୧୦ ଟଙ୍କା ଜରିମାନା କରାଯାଇଛି। ଆଗାମୀ ଦିନରେ ଏହି ରାସ୍ତା ଦେଇ ଅନିୟମିତ ପାଉଁଶ ପରିବହନ ନ ହେବାକୁ ବିଶେଷ ଧ୍ୟାନ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# କଣାସ ଅଂଚଳରେ ହାତୀ ଉପଦ୍ରବ

ପୁରୀ, ୨୦/୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ଅଂଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଚନ୍ଦକା ଅଂଚଳରୁ ହାତୀପଲରୁ ଏକ ହାତୀ ଖସି ଆସିଥିବା ସୂଚନା ମିଳିଛି। ହାତୀଟି କଣାସ ବ୍ଲକ ଅଂଚଳର ଆଖପାଖ ୪ଟି ଗ୍ରାମରେ କ୍ଷେତରୁ ଧାନ ଫସଲ ଖାଇବା ସହ ବ୍ୟାପକ ଫସଲ ଦଳିଚକଟି ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଅଂଚଳରେ ହାତୀ ବୁଲୁଥିବା ଖବର ପ୍ରଚାରିତ ହେବାପରେ ଗ୍ରାମବାସୀ ଭୟଭିତ ହୋଇପଡିଛନ୍ତି । ହାତୀ ଘଉଡାଇବା ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ଅଂଚଳ ବାସୀ ଦାବି କରିଛନ୍ତି ।

# ସରକାରୀ ସେବାରେ ଏଆଇର ପ୍ରୟୋଗ : ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଶିବିର

ଝାରସୁଗୁଡ଼ା, ୨୦/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଏଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାକ୍ ର ମିଳିତ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କର୍ମଶାଳା ପ୍ରଶାସନିକ ଦକ୍ଷତା ପାଇଁ କୃତ୍ରିମ ବୁଦ୍ଧିମତା ଉପକରଣ (ଏଆଇ) ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ୍ ରୂପାନ୍ତରଣ ଏବଂ ସରକାରୀ କାର୍ଯ୍ୟଧାରାରେ ଅଧିକ ସ୍ୱଚ୍ଛତା ତଥା କ୍ଷିପ୍ରତା ଆଣିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗରୁ ଆସିଥିବା ୩୦ରୁ ଅଧିକ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ବିଶେଷ କରି 'ଜେନେରେଟିଭ୍ ଏଆଇ' ଏବଂ 'ଡାଟା ଆନାଲିଟିକ୍ସ' ବ୍ୟବହାର କରି କିଭଳି ସରକାରୀ ଫାଇଲ୍ ପରିଚାଳନା ଓ ଜନସେବା ପ୍ରଦାନ ପ୍ରକ୍ରିୟାକୁ ସହଜ କରାଯାଇପାରିବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା।କର୍ମଶାଳାର ପ୍ରାୟୋଗିକ ଅଧିବେଶନରେ କିଭଳି ଏଆଇ ମାଧ୍ୟମରେ ସ୍ୱୟଂଚାଳିତ ଫାଇଲ୍ ସଂରକ୍ଷଣ, ବଡ଼ ବଡ଼ ଦସ୍ତାବିଜର ସଂକ୍ଷିପ୍ତ ସାରାଂଶ ପ୍ରସ୍ତୁତି ଏବଂ ସରକାରୀ ଚିଠି ପତ୍ରର ଚିଠା ଅତି କମ୍ ସମୟ ମଧ୍ୟରେ କରାଯାଇପାରିବ, ସେ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ କର୍ମଶାଳାର ଜିଲ୍ଲା ନୋଡାଲ ଅଫିସର ତଥା ଡେପୁଟି କଲେକ୍ଟର ସୌମ୍ୟେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିଭିନ୍ନ ବିଭାଗର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ଓଡ଼ିଶା ସରକାରଙ୍କ ଏହି ଦକ୍ଷତା ବିକାଶ ଅଭିଯାନରେ ଅଂଶଗ୍ରହଣ କରିଥିଲେ।

# ବାଲିଅନ୍ତା ସତ୍ୟଭାମାପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ଉମଙ୍ଗ ଉତ୍ସବ-୨୦୨୬ ଅନୁଷ୍ଠିତ




ଭୁବନେଶ୍ୱର, ୨୦/୨ (ନି.ପ୍ର): ବାଲିଅନ୍ତା ସତ୍ୟଭାମାପୁ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ଉମଙ୍ଗ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ତଥା ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଦୁଭୂଷଣ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସଂଳାପକାର ଡଃ ରଜନୀ ରଂଜନ ଦାସ , କବି ବିପିନ୍ ମହାନ୍ତି , ନୀତିନୂତନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥି ମାନେ ନିଜ ଉଦ୍ବୋଧନରେ ଛାତ୍ରଛାତ୍ରୀମାନଙ୍କୁ ନୈତିକ ମୂଲ୍ୟବୋଧ ଓ ଶିଷ୍ଟାଚାର ରକ୍ଷା ସହ ଉଚ୍ଚ ଲକ୍ଷ୍ୟ ସାଧନ ପାଇଁ ପ୍ରେରଣା ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ଗୀତ, ନାଟକ ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ଶିକ୍ଷକ ହିମାଂଶୁ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାଠାଭ୍ୟାସ, କ୍ରୀଡା ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସ୍କୁଲର ଉପ ଅଧକ୍ଷା ନୀତିନୂତନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡାରେ ଡୁଡା ସମୀକ୍ଷା ବୈଠକ : ଶତ ପ୍ରତିଶତ ରାଜସ୍ୱ ସଂଗ୍ରହ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୂଆପଡା, ୨୦/୨ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା(ଡୁଡା)ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ତିନିଗୋଟି ବିଜ୍ଞାପିତ ଅଂଚଳ ପରିଷଦ ନୂଆପଡା, ଖଡିଆଳ ଓ ଖରିଆର ରୋଡର କାର୍ଯ୍ୟାବଳୀ ସମୀକ୍ଷା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ଏନଏସି ମାନଙ୍କର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଲକ୍ଷ୍ୟ ଓ ସଂଗ୍ରହ ସମୀକ୍ଷା କରାଯାଇଥିଲା। ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ଖରୀଆର ଏନଏସି ୯୩.୭୬ ପ୍ରତିଶତ ସଫଳତା ହାସଲ କରିଥିବାବେଳେ ନୂଆପଡା ୭୩.୭୩ ପ୍ରତିଶତ ଏବଂ ଖରୀଆର ରୋଡ ୭୪.୫୦ ପ୍ରତିଶତ ସଫଳତା ହାସଲ କରିଛି। ମ୍ୟୁନିସିପାଲ ସମ୍ପତି ଭଡା, ବ୍ୟବସାୟ ଲାଇସେନ୍ସ, ବିଜ୍ଞାପନ ରାଜସ୍ୱ, ୟୁଜର ଫିସ ଓ ଅନ୍ୟାନ୍ୟ ଉତ୍ସରୁ ରାଜସ୍ୱ ଆଦାୟର ମଧ୍ୟ ସମୀକ୍ଷା କରଯାଇଥିଲା। ବର୍ଜ୍ୟ ବସ୍ତୁ ପରିଚାଳନା, ପ୍ରଧାନ ମନ୍ତ୍ରୀ ଅବାସ ଯୋଜନା (ନଗର), ବିଲ୍ଡିଂ ଆପ୍ରୁଭାଲ ସିଷ୍ଟମ୍ ଏବଂ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିଓ୍ୱାଇ) ର କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ହୋଲ୍ଡିଂ ଟ୍ୟାକ୍ସରେ ୧୦୦ ପ୍ରତିଶତ ସଂଗ୍ରହ ସୁନିଶ୍ଚିତ କରିବା, ମଞ୍ଜୁରିକୃତ ଅର୍ଥର ସଠିକ ବ୍ୟବହାର ଏବଂ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଆବାସ ଘର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପର୍ବପର୍ବାଣୀ ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ଏନଏସିକୁ ମୋବାଇଲ୍ ଟଏଲେଟ୍ କ୍ରୟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି କରିବା ସହିତ ସହରମାନଙ୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଗତି ଆଣିବା ଓ ନାଗରିକମାନଙ୍କୁ ସହରୀ ସଭ୍ୟତାର ସମସ୍ତ ସୁବିଧା ସୁଯୋଗ ଯୋଗାଇବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ନୂଆପଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରୀଆର ରୋଡ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

# ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ

ପୁରୀ, ୨୦/୨ (ନି.ପ୍ର): କଠିନ ପରିଶ୍ରମ ଓ ଅଧ୍ୟବସାୟ ବିନା ସଫଳତା ଅସମ୍ଭବ। ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଉଦ୍ୟମ ସହ ନିଷ୍ଠା ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅଦ୍ୱିକା ଯୋଜନା ମାଧ୍ୟମରେ କିଶୋରୀ ବାଳିକା ମାନଙ୍କ ଦିନିକିଆ ଜିଲ୍ଲା ସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ପରିଡା ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଅନେକ ବ୍ୟବସ୍ଥା ରହିଛି। ପିଲା ମାନେ ନିଜ ଇଚ୍ଛା, ଆଗ୍ରହ ବା ଦକ୍ଷତା ଆଧାରରେ ଏହାକୁ ଚୟନ କରି ନିଜକୁ ସକ୍ଷମ ଓ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସେମାନେ ଚାହିଁଲେ ନିଯୁକ୍ତି ପାଇଁ କାର୍ଯ୍ୟ କରିପାରିବେ ଅଥବା ନିଜର ଉଦ୍ୟୋଗ କରି ନିଯୁକ୍ତିଦାତା ହୋଇପାରିବେ ବୋଲି ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ଭରି ରହିଛି। ଏହାର ଉନ୍ମେଷ ଘଟିଲେ ତାହା ସମାଜର ସମ୍ବଳ ପାଲଟିବ। ଏହିଭଳି ପ୍ରଶିକ୍ଷଣ ଶିବିର ସେମାନଙ୍କୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବ ବୋଲି ସେ ଆହ୍ୱାନ ଦେଇଥିଲେ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରି ଏହି କର୍ମଶାଳା କିଶୋର କିଶୋରୀ ମାନଙ୍କୁ ନୂଆ ସମ୍ଭାବନା ଦିଗରେ ସାହାଯ୍ୟ କରିବ ବୋଲି କହିଥିଲେ। ମାଷ୍ଟର ଟ୍ରେନର ଭାବେ ଦକ୍ଷତା ବିକାଶ ଅଧିକାରୀ ପ୍ରଭାତ କୁମାର ବସ୍ତି, ଇଂରାଜୀ ଶିକ୍ଷୟତ୍ରୀ ପଂଚମୀ ପଦ୍ମସେନା,କମ୍ପ୍ୟୁଟର ଶିକ୍ଷୟତ୍ରୀ ପଞ୍ଚା ପରମିତା ଜେନା,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଲ୍ୟ ବତୀ ମହାନ୍ତି, ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ, ସମସ୍ତ ସିଡିପିଓ, ସୁପରଭାଇଜର ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ମାନେ ଯୋଗ ଦେଇଥିଲେ।

# ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର, ୨୦/୨ (ନି.ପ୍ର): ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୬ତମ ଜୟନ୍ତୀ ଆଜି ହିନ୍ଦୁ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ଆଜି ସକାଳୁ ହିନ୍ଦୁ ସମାଜର କର୍ମକର୍ତା ମାନେ ରଥପଡିଆ ଠାରେ ଏକତ୍ରିତ ହୋଇ ଶିବାଜୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଭିନ୍ନ ନାରାବାଜୀ ଦେଇଥିଲେ। ପରେ ରଥପଡିଆ ଠାରୁ ଏକ ଶୋଭାଯାତ୍ରାର ବାହାରି ପୌର କାର୍ଯ୍ୟାଳୟରେ ପହଁଚିଥିଲେ। ସ୍ଥାନୀୟ ଜୟନଗର ଛକ ଠାରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ଶିବାଜୀ ଛକ ନାମରେ ନାମିତ କରିବା ନିମନ୍ତେ ପେ?ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ରଥପଡିଆ ନିକଟରେ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଆଜିର ଏହି ଜୟନ୍ତି କାର୍ଯ୍ୟକ୍ରମରେ ଲଳିତ ଅଗ୍ରାଲ,ସତିଶ ନନ୍ଦ, ନିଖିଲ ସାହୁ, ଅରୁଣ ବେହେରା, ଚନ୍ଦ୍ର ଶେଖର ଡାର୍ଲି, ପି.କିରଣ କୁମାର, ଓମ ପ୍ରକାଶ ପାଣିଗ୍ରାହୀ, ଚନ୍ଦ୍ରେଶ ରାଠୋର, ଶିଦ୍ଧାର୍ଥ ପାତ୍ରଙ୍କ ସମେତ ହିନ୍ଦୁ ସମାଜର କର୍ମକର୍ତା ଉପସ୍ଥିତ ଥିଲେ। ଜୟପୁର (ଜୟନଗର ବର୍ଗ କିମ୍ବା ପଂଚାନନ ମନ୍ଦିର ବର୍ଗ)ରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ଦାବି କରାଯାଇଛି । ଯେକୌଣସି ସ୍ଥାନରେ ଛତ୍ରପତି ଶିବାଜୀ ମହାରାୟଙ୍କ ପ୍ରତିମୂର୍ତି ସ୍ଥାପନ ହିନ୍ଦୁ ସମାଜ ସଦସ୍ୟମାନେ ଅନୁରୋଧ କରାଯାଇଛି । ଜୟପୁର ପୌରପାଳିକା ମଧ୍ୟରେ ପ୍ରମୁଖ ସ୍ଥାନରେ ନୂତନ ଭାବରେ ନିର୍ମିତ ଗୋଲକ ଛକରେ ପ୍ରତିମୂର୍ତି ସ୍ଥାପନ କରାଯାଇପାରିବ। ଯଦି ଜୟନଗର ବର୍ଗ କିମ୍ବା ପଂଚାନନ ମନ୍ଦିର ବର୍ଗର ପ୍ରସ୍ତାବିତ ଗୋଲକ ଛକରେ। ରାଜା ଏବଂ ଭାରତୀୟ ଇତିହାସରେ ଭଲ ଭାବରେ ପରିଭାଷିତ, ତାଙ୍କର ଉଲ୍ଲେଖନୀୟ ଛତ୍ରପତି ଶିବାଜୀ ମହାରାଜ ହିନ୍ଦୁ ନେତୃତ୍ୱ, ଅଦମ୍ୟ ବୀରତ୍ୱ ଏବଂ ଶାସନ ଏବଂ ନ୍ୟାୟ ପ୍ରତି ସମର୍ପଣ ପାଇଁ ଜଣାଶୁଣା ତାଙ୍କର ଐତିହ୍ୟ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି। ଏହାକୁ ଚିହ୍ନି ପାରିବା ପରେ, ତାଙ୍କ ସମ୍ମାନରେ ଏକ ପ୍ରତିମୂର୍ତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ, ଯାହା ଆମ ସମ୍ପ୍ରଦାୟ ମଧ୍ୟରେ ଗର୍ବ ଏବଂ ଐତିହାସିକ ସଚେତନତା ସୃଷ୍ଟି କରିବ। ଯେଉଁଠାରେ ବାସିନ୍ଦା ଏବଂ ପରିଦର୍ଶକମାନେ ତାଙ୍କ ଅବଦାନକୁ ପ୍ରଶଂସା କରିପାରିବେ ଏବଂ ତାଙ୍କ ଅବଦାନ ବିଷୟରେ ଜାଣିପାରିବେ।

## ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ



ସାହସ ଓ ଦୃଢ଼ ମନୋବଳ: ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ। ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି। ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ। ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି। ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସେମାନେ ମନା କରିଦିଅନ୍ତି। ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ। ଯଦି ଅଫିସ୍‌ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ଦେଖିବେ ଅତି କମ୍ ସମୟରେ ଆପଣ ବସ୍‌ଙ୍କ ପ୍ରିୟପାତ୍ର ହୋଇପାରିବେ।



ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି: ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା। ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ। କୌରସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି। ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ। ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ। ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ। ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ। ଆଉ ଆପରଙ୍କ କାମରେ ତାରିଫ ମଧ୍ୟ କରିବେ।

ନିଜକୁ କରନ୍ତୁ ପ୍ରମାଣିତ: କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ। କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିଡିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି। ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ। ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି। ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି। ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ। ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ। ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ। ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ।



## ରକ୍ତହୀନତା

ଶରୀରରେ ପ୍ରବାହିତ ରକ୍ତରେ ସାଧାରଣତଃ ଲୋହିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲେ ଏହାକୁ ରକ୍ତହୀନତା କୁହାଯାଏ । ଏହା କେତେକ ସ୍ଥଳରେ ରୋଗୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।



ରକ୍ତହୀନତା ଗୁରୁତର ତଥା ପୁରାତନ ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ଏହାଦ୍ୱାରା ରୋଗୀ ଶରୀରରେ ହେମାଟୋକ୍ରିଟ ପରିମାଣରେ ୨୦ ପ୍ରତିଶତ ହ୍ରାସ ହୋଇଥିବା ବେଳେ କୌଣସି ଲକ୍ଷଣ ପରିପ୍ରକାଶ ହୁଏନି । ଗୁରୁତର ରକ୍ତହୀନତା କ୍ଷେତ୍ରରେ ଆରବିସି କୋଷିକାର ଉତ୍ପାଦନ ପ୍ରମୁଖ ଭୂମିକା ଗ୍ରହଣ କରେ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ହେବା ସହିତ ରକ୍ତ ବାନ୍ତି ଏବଂ ମେଲିନା ଆଦି ଦୃଟ୍ଟି ଗୋଚର ହୋଇଥାଏ । ପେପଟିକ୍ ଅଲସର ରୋଗୀଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ପରିପ୍ରକାଶ ହୋଇଥାଏ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ଅର୍ଥୋଷ୍ଟେଟିକ୍ ନିମ୍ନରକ୍ତଚାପ, ହୃଦ ସ୍ପନ୍ଦନର ଗତିରେ ତୀବ୍ରତା ଥଣ୍ଡା ଏବଂ ଲୋଚାକୋଚା ତ୍ୱଚା ବିଚଳିତବୋଧ, ତୃଷ୍ଣା ବୃଦ୍ଧି ଆଦି ଲକ୍ଷଣ ଦେଖାଯାଇଥାଏ। ଯଦି ରୋକ୍ତର ପରିମାଣରେ ୫୦ ପ୍ରତିଶତ ହ୍ରାସ ହୋଇଥାଏ, ତେବେ ହୃଦଘାତ ଏବଂ ମୃତ୍ୟୁବତ୍ ଅବସ୍ଥା ସୃଷ୍ଟି ହୋଇଥାଏ ।

ପୁରାତନ ଯକୃତ ଏବଂ ବୃକକ୍‌ରୋଗ, ବିଷ ପଦାର୍ଥର ପ୍ରକ୍ରିୟା, ସ୍ୱ-ପ୍ରତିରକ୍ଷା ବିକାର, ଶରୀର ଅଭ୍ୟନ୍ତରୀଣ ବିକାରଏବଂ ମ୍ୟାଲେରିଆ ତଥା ପାରାସାଇଟିକ୍ ସଂକ୍ରମଣ ଆଦି ଯୋଗୁ ମଧ୍ୟ ରକ୍ତହୀନତା ସୃଷ୍ଟି ହୋଇଥାଏ ।

କେତେକ ଶାରୀରିକ ଅନିୟମିତା କ୍ଷେତ୍ରରେ ମାଂସପେଶୀ ଏବଂ ଜଏଣ୍ଟ ମଧ୍ୟରେ ରକ୍ତସ୍ରାବ ହୋଇଥାଏ । ଭିଟାମିନ୍ ଅଭାବଯୋଗୁ ତଥା ଗର୍ଭାଧାନ ସମୟରେ ରକ୍ତହୀନତା ସୃଷ୍ଟି ହୋଇଥାଏ ।



ହୃଦୟର ସ୍ପନ୍ଦନରେ ବୃଦ୍ଧି, ନିମ୍ନ ରକ୍ତଚାପ, ଆଦି ରକ୍ତ ସଂରକ୍ଷଣ ପ୍ରକ୍ରିୟାରେ ଅସ୍ଥିରତା ସୃଷ୍ଟି ହୋ ସହିତ ଅସ୍ଥିରମନା ତଥା ମୁଣ୍ଡ ବୁଲାଇବା, ନିଶ୍ୱାସପ୍ରଶ୍ୱାସରେ ଅନିୟମିତା ଏବଂ ପାଦରେ ଫୁଲା ଆଦି ଲକ୍ଷଣ ଦେଖିବାକୁ ମିଳେ । ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ତଥା ହେମୋଲିସିସ୍ ବୃଦ୍ଧି ପାଏ ।

ଶରୀରର ଆଭ୍ୟନ୍ତରୀଣ ରକ୍ତସ୍ରାବର ଲକ୍ଷଣ ଶଯ୍ୟା କାଳୀନ ସମୟରେ ପରିପ୍ରକାଶ ପାଇବା ସହିତ ଏକସମ୍ପର୍କରେ ଲାବୋରେଟୋରୀ ତଥ୍ୟକୁ ବିଶଦ ଜଣାପଡ଼ିଥାଏ । ଆଘାତ ଏବଂ ସିରୋସିସ୍ କ୍ଷେତ୍ରରେ ଭେରିସାଲ



ଚିକିତ୍ସା

ଖାଦ୍ୟରେ ଲୌହ ଏବଂ ଭିଟାମିନ-ସିର ମାତ୍ରା ବୃଦ୍ଧି କରିବା ଆବଶ୍ୟକ । ଖାଦ୍ୟରେ ଡାଲି ଜାତୀୟ ଖାଦ୍ୟ, ନଟସ୍, ବିନସ୍, ସମୁଦ୍ରଜାତ ଖାଦ୍ୟ, ମାଂସ ସହିତ ଦୁଗ୍ଧ ଆଦି ଗ୍ରହଣ କରିବା ଉଚିତ୍ ।

ପ୍ୟାକଡ୍ ସେଲ ଟ୍ରାନ୍ସଫ୍ୟୁଜନ, ରିକମ୍ବିନା ଏରିଥ୍ରୋପ୍ରୋଟିନ୍ ଦ୍ୱାରା ବୋନ୍ ମ୍ୟାରୋରେ ଆରସବିସି ଉତ୍ପାଦନ ବୃଦ୍ଧିପାଇଥାଏ ।

ସତେଜ ଫଳ, ଶାଗ, ଫୁଲକୋବି, ବ୍ରୋକଲି, ବିଭିନ୍ନ ମଞ୍ଜି ଗଜା, ଦୁଗ୍ଧ ଉତ୍ପାଦ, କାଦ୍ୟସଶ୍ୟଆଦି ଖାଦ୍ୟରେ ଉପଯୁକ୍ତ ପରିମାଣରେ ଫଲିକ୍ ଏସିଡ୍ ମହଜୁଦ ରହିଥାଏ । ତେଣୁ ଏହାକୁ ଖାଦ୍ୟରେ ନିୟମିତ ଗ୍ରହଣ କରିବା ଉଚିତ।

## ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ। ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ। କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ। ତା'ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ। ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା' ଉପରେ ବରଫ ରଖନ୍ତି। ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ। ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ। ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ। ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ। ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି। ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ଼ ଅପେକ୍ଷା ମହଙ୍ଗା ପଡ଼େ। ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ପେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଦିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ।ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ଼ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ। ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ। ଏହାହିଁ ରୋଗର କାରଣ ବନିଯାଏ। ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ। ଆଜିକାଲି କ୍ୟାଲସିୟମ କାର୍ବାଇଡ଼କୁ ପାଣିରେ ମିଶାଇ ଇଞ୍ଜେକ୍ସିନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୁରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି। ଏହା ଆହୁରି ମାରାତ୍ମକ।

## ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତୀଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇଡ୍ୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅସ୍ମବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

## ସାବଧାନ ! ଘଣ୍ଟା ଘଣ୍ଟା ବସି କାମ କଲେ ହୋଇଥାଏ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ମାନବର ପୂର୍ବ ଜୀବନଶୈଳୀ ଓ ବର୍ତ୍ତମାନର ଜୀବନଶୈଳୀ ମଧରେ ଅହେତୁକ ପରିବର୍ତ୍ତନ ଘଟିଛି। ପୂର୍ବରୁ ଅଧିକାଂଶ ଲୋକେ ଶାରୀରିକ ପରିଶ୍ରମ କରି ଜୀବନ ବିତାଉଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି, ଅଫିସରେ ନିରବଚ୍ଛିନ୍ନ ଭାବେ ୮-୯ ଘଣ୍ଟା କାମ କରିବା ଆମ ଜୀବନର ଏକ ଅଂଶ ହୋଇଯାଇଛି। ଏହି ଅଭ୍ୟାସ ମାନବ ସ୍ୱାସ୍ଥ୍ୟ ପାଇଁ କେତେ ବିପଜ୍ଜନକ ହୋଇପାରେ କେବେ ଭାବିଛନ୍ତି କି ? ଅଫିସରେ କ୍ରମାଗତ ଭାବରେ ୮-୯ ଘଣ୍ଟା ବସିବା ଦ୍ୱାରା ବେକ ଏବଂ କାନ୍ଧରେ ଯନ୍ତ୍ରଣା ହୁଏ। ଏସବୁ ବ୍ୟତୀତ ମେଦବହୁଳତା, ମଧୁମେହ ଏବଂ ହୃଦରୋଗ ତଥା କର୍କଟ ରୋଗ ହେବାର ଆଶଙ୍କା ମଧ ବଢିଥାଏ। ଅଫିସକୁ ଯିବା ମାତ୍ରେ ଚେୟାରରେ ବସି ରହି କାମ କରିବା ଫଳରେ ଶରୀରର କୋଷଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗେ। ଏହା ରୋଗ ପ୍ରତିରୋଧକ ଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ତେଣୁ କାର୍ଯ୍ୟ ମଧରେ କିଛି ସମୟ ବିରତି ନିଅନ୍ତୁ, କିମ୍ବା ଶାରୀରିକ ବ୍ୟାୟାମ ଅନୁସରଣ କରନ୍ତୁ।ଘରେ କିମ୍ବା ଅଫିସରେ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିବା ଫଳରେ ହାଡ଼ ଦୁର୍ବଳ ହୋଇଯାଏ। ଅନେକ ଥର ଅନୁଭବ କରିଥିବେ, ଏହି କାରଣରୁ ଆଣ୍ଠୁ ଏବଂ ଅଣ୍ଟାରେ ଯନ୍ତ୍ରଣା ଆରମ୍ଭ ହୁଏ। ଚେୟାରରେ ଭୁଲ ଶୈଳୀରେ ବସି କାମ କରନ୍ତୁ ନାହିଁ, ନଚେତ୍ ପିଠି ଯନ୍ତ୍ରଣା ହୋଇପାରେ। ଲଗାତାର ସମାନ ଅବସ୍ଥାରେ ଗୋଟିଏ ସ୍ଥାନରେ ବସି ରହିବା ଫଳରେ ବିଭିନ୍ନ ସମସ୍ୟା ହେବାର ସମ୍ଭାବନା ଥାଏ।

## ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ ...



ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...

ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକରମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ। ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ। ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପର୍ସନାଲ କମ୍ପ୍ୟୁଟର, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

# ଟ୍ରମ୍ପଙ୍କ 'ଟାରିଫ୍ ରାଜ୍'ର ଅନ୍ତ

ଆମେରିକାର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟାପକ ଆମଦାନୀ ଶୁଳ୍କ ବା ଟାରିଫ୍ ନୀତିକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି । ୨୦୨୬ ଫେବୃଆରୀ ୨୦ ତାରିଖ ଶୁକ୍ରବାର ଦିନ ଆସିଥିବା ଏହି ନିଷ୍ପତ୍ତି କେବଳ ଆମେରିକାର ଅର୍ଥନୀତି ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ବୋଲି ବିବେଚନା କରାଯାଉଛି । ୬-୩ ବିଚାରପତିଙ୍କ ସଂଖ୍ୟାଗରିଷ୍ଠତାରେ ଦିଆଯାଇଥିବା ଏହି ରାୟରେ ସ୍ପଷ୍ଟ କରାଯାଇଛି ଯେ ରାଷ୍ଟ୍ରପତିଙ୍କ ପାଖରେ ଜାତୀୟ ଜରୁରୀକାଳୀନ କ୍ଷମତା ବ୍ୟବହାର କରି ନିଜ ଇଚ୍ଛା ମୁତାବକ ଦେଶର ଟିକସ ବ୍ୟବସ୍ଥାକୁ ବଦଳାଇବାର କୌଣସି ଅଧିକାର ନାହିଁ । ଏହି ଘଟଣା ଆମେରିକାର ସାମ୍ବିଧାନିକ ବ୍ୟବସ୍ଥାରେ 'କ୍ଷମତା ପୃଥକୀକରଣ' ବା ସେପାରେସନ୍ ଅଫ୍ ପାୱାର୍ସର ଏକ ବଳିଷ୍ଠ ଉଦାହରଣ ଭାବରେ ଉଭା ହୋଇଛି, ଯେଉଁଠାରେ କାର୍ଯ୍ୟନିର୍ବାହୀ ଶାସକଙ୍କ ଏକଚାଟିଆ କ୍ଷମତା ଉପରେ ନ୍ୟାୟପାଳିକା ଏକ ଶକ୍ତ ଅଙ୍କୁଶ ଲଗାଇଛି ।

ଏହି ମାମଲାର ମୂଳ ବିଷୟବସ୍ତୁ ଥିଲା ୧୯୭୭ ମସିହାର 'ଇଣ୍ଟରନ୍ୟାସନାଲ ଏମରଜେନ୍ସି ଇକୋନମିକ ପାୱାର୍ସ ଆକ୍ଟ' (IEEPA) । ରାଷ୍ଟ୍ରପତି ଟ୍ରମ୍ପ ନିଜର ଦ୍ୱିତୀୟ କାର୍ଯ୍ୟକାଳରେ ଏହି ଆଇନର ଦ୍ୱାହି ଦେଇ ବିଭିନ୍ନ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଭାରୀ ମାତ୍ରାରେ ଶୁଳ୍କ ଲାଗୁ କରିଥିଲେ । ତାଙ୍କର ଯୁକ୍ତି ଥିଲା ଯେ ଦେଶର ଅର୍ଥନୀତିକୁ ସୁରକ୍ଷା ଦେବା ପାଇଁ ଏବଂ ବାହ୍ୟ ଶକ୍ତିମାନଙ୍କଠାରୁ ଆମେରିକୀୟ ଶିଳ୍ପକୁ ବଞ୍ଚାଇବା ପାଇଁ ଏହା ଏକ ଜରୁରୀକାଳୀନ ପଦକ୍ଷେପ । କିନ୍ତୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜନ୍ ରବର୍ଟସ୍ ଏବଂ ଅନ୍ୟ ପାଞ୍ଚଜଣ ବିଚାରପତି ଏହି ଯୁକ୍ତିକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି । କୋର୍ଟଙ୍କ ମତରେ, ଆମେରିକାର ସମ୍ବିଧାନର ଧାରା-୧ ଅନୁଯାୟୀ ଟିକସ କିମ୍ବା ଶୁଳ୍କ ଧାର୍ଯ୍ୟ କରିବାର କ୍ଷମତା କେବଳ କଂଗ୍ରେସ (ସଂସଦ) ହାତରେ ନ୍ୟସ୍ତ ରହିଛି । ଓଉରଚଇ ଆଇନ ରାଷ୍ଟ୍ରପତିଙ୍କୁ କିଛି ନିର୍ଦ୍ଦିଷ୍ଟ ଆର୍ଥିକ କାରବାରକୁ ନିୟନ୍ତ୍ରଣ କରିବାକୁ ଅନୁମତି ଦିଏ ସତ, କିନ୍ତୁ ଏହା ରାଜସ୍ୱ ସଂଗ୍ରହ ପାଇଁ ବ୍ୟାପକ ଟାରିଫ୍ ଲଗାଇବାର ଖୋଲା ଲାଇସେନ୍ସ ପ୍ରଦାନ କରେ ନାହିଁ । ଏହି ରାୟରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ଦୁଇଜଣ ରକ୍ଷଣଶୀଳ ବିଚାରପତି—ନିଲ୍ ଗୋର୍ସଚ୍ ଏବଂ ଏମି କୋନି ବାରେଟ୍—ମଧ୍ୟ ଉଦାରବାଦୀ ବିଚାରପତିଙ୍କ ସହ ମିଶି ଟ୍ରମ୍ପଙ୍କ ବିରୋଧରେ ମତ ଦେବା ଏକ ଆଶ୍ଚର୍ଯ୍ୟଜନକ ତଥା ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଥିଲା, ଯାହା ପ୍ରମାଣ କରେ ଯେ ନ୍ୟାୟାଳୟ ରାଜନୈତିକ ବିଚାରଧାରାରୁ ଉର୍ଦ୍ଧ୍ୱରେ ରହି ସମ୍ବିଧାନର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ।

ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ଟ୍ରମ୍ପଙ୍କ ଏହି ତଥାକଥିତ 'ଲିବରେସନ୍ ଡେ' ଟାରିଫ୍ ନୀତି ବିଶ୍ୱ ବଜାରରେ ଘୋର ଅସ୍ଥିରତା ସୃଷ୍ଟି କରିଥିଲା । ଗତ ବର୍ଷ ଏପ୍ରିଲ ମାସରେ ଲାଗୁ ହୋଇଥିବା ଏହି ନୀତି ଅନୁଯାୟୀ ପ୍ରାୟ ସମସ୍ତ ଆମଦାନୀ ଉପରେ ୧୦ ପ୍ରତିଶତରୁ ଆରମ୍ଭ କରି କିଛି ନିର୍ଦ୍ଦିଷ୍ଟ ଦେଶ ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଯାଇଥିଲା । ଟ୍ରମ୍ପ ପ୍ରଶାସନ ଦାବି କରିଥିଲା ଯେ ଏହାଦ୍ୱାରା ଆମେରିକାର ରାଜସ୍ୱ ବୃଦ୍ଧି ପାଇବ ଏବଂ ଘରୋଇ ଉତ୍ପାଦନ ବଢ଼ିବ । କିନ୍ତୁ ବାସ୍ତବ ଚିତ୍ର ଥିଲା ସମ୍ପୂର୍ଣ୍ଣ ଭିନ୍ନ ଏବଂ କଷ୍ଟଦାୟକ । ତଥ୍ୟ ଅନୁଯାୟୀ, ଏହି ଶୁଳ୍କ ବୃଦ୍ଧି ଫଳରେ ଆମେରିକାରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧି ପାଇଥିଲା, ଯାହା ସାଧାରଣ ଖାଉଟିଙ୍କ ପକେଟ୍ ଉପରେ ଚାପ ପକାଇଥିଲା । ଆମଦାନୀ ହେଉଥିବା କଞ୍ଚାମାଲର ଦାମ୍ ବଢ଼ିବା ଯୋଗୁଁ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥା କ୍ଷତିଗ୍ରସ୍ତ ହୋଇଥିଲେ ଏବଂ ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଥିଲା । ସୁପ୍ରିମକୋର୍ଟଙ୍କ ଏହି ରାୟ ଆସିବା ପରେ ୱାଲ୍ ଷ୍ଟ୍ରିଟ୍ର ପ୍ରତିକ୍ରିୟା ଅତ୍ୟନ୍ତ ଉତ୍ସାହଜନକ ଥିଲା । ଡାଓ ଜୋନ୍ସ ସୂଚକାଙ୍କ ୨୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇବା ଏହା ସୂଚାଉଛି ଯେ ନିବେଶକମାନେ ମୁକ୍ତ ବାଣିଜ୍ୟ ଏବଂ ଆଇନଗତ ସ୍ଥିରତାକୁ ପସନ୍ଦ କରନ୍ତି ଏବଂ ସରକାରୀ ହସ୍ତକ୍ଷେପକୁ ବିରୋଧ କରନ୍ତି ।

ଏହି ରାୟର ରାଜନୈତିକ ପ୍ରଭାବ ମଧ୍ୟ ସୁଦୂରପ୍ରସାରୀ ହେବାର ସମ୍ଭାବନା ରହିଛି । ଡୋନାଲ୍ଡ ଟ୍ରମ୍ପ, ଯିଏ କି ନିଜର 'ଆମେରିକା ଫାଷ୍ଟ' ନୀତିକୁ ଆଧାର କରି ବିଶ୍ୱ ବାଣିଜ୍ୟ ନିୟମକୁ ବଦଳାଇବାକୁ ଚେଷ୍ଟା କରୁଥିଲେ, ତାଙ୍କ ପାଇଁ ଏହା ଏକ ଶକ୍ତ ଧକ୍କା । ସେ ଏହି ରାୟକୁ 'ଲଜ୍ଜାଜନକ' ବୋଲି ଅଭିହିତ କରିଛନ୍ତି, କିନ୍ତୁ ସାମ୍ବିଧାନିକ ବ୍ୟବସ୍ଥାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ମାନିବାକୁ ସେ ବାଧ୍ୟ । ଏହା ପ୍ରମାଣିତ କରେ ଯେ ଆମେରିକାରେ କେହି ଆଇନର ଉର୍ଦ୍ଧ୍ୱରେ ନୁହନ୍ତି, ଏପରିକି ଦେଶର ସର୍ବୋଚ୍ଚ ଶାସକ ବା ରାଷ୍ଟ୍ରପତି ମଧ୍ୟ ନୁହନ୍ତି । ବିଶେଷକରି ଯେତେବେଳେ ଜଣେ ଶାସକ ଜାତୀୟ ସୁରକ୍ଷା ନାମରେ ଅର୍ଥନୈତିକ ନୀତିକୁ ନିଜ ଇଚ୍ଛାରେ ପରିଚାଳିତ କରିବାକୁ ଚାହାନ୍ତି, ସେତେବେଳେ ନ୍ୟାୟାଳୟର ଏଭଳି ହସ୍ତକ୍ଷେପ ଗଣତନ୍ତ୍ରର ସୁରକ୍ଷା କବଚ ଭାବରେ କାମ କରେ । ଏହି ରାୟ ଭବିଷ୍ୟତର ରାଷ୍ଟ୍ରପତିମାନଙ୍କ ପାଇଁ ମଧ୍ୟ ଏକ ସତର୍କ ଘଣ୍ଟି ସଦୃଶ, ଯେ ସେମାନେ କଂଗ୍ରେସର ଅନୁମୋଦନ ବିନା ଏକଚାଟିଆ ଭାବେ ଟିକସ ବ୍ୟବସ୍ଥାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ଆଣିପାରିବେ ନାହିଁ । ଏହା ଆମେରିକାର ସମ୍ବିଧାନ ନିର୍ମାତାମାନଙ୍କ ଦୂରଦୃଷ୍ଟିର ପରିଚୟ ଦିଏ, ଯେଉଁମାନେ କୌଣସି ଗୋଟିଏ ଅଙ୍ଗ ହାତରେ ଅତ୍ୟଧିକ କ୍ଷମତା ଦେବାକୁ ଚାହୁଁନଥିଲେ ।

ତେବେ, ଏହି ରାୟ ପରେ ମଧ୍ୟ କିଛି ଅନିଶ୍ଚିତତା ରହିଯାଇଛି । ସରକାର ଏପର୍ଯ୍ୟନ୍ତ ଆଦାୟ କରିଥିବା ବିଲିୟନ ବିଲିୟନ ଡଲାରର ଶୁଳ୍କ ଫେରସ୍ତ ହେବ କି ନାହିଁ, ସେ ନେଇ ସ୍ପଷ୍ଟ ଚିତ୍ର ମିଳିନାହିଁ । ବ୍ୟବସାୟୀମାନେ ରିଫଣ୍ଡ ପାଇଁ ଦାବି କରିବେ, ଯାହା ଏକ ଜଟିଳ ଆଇନଗତ ପ୍ରକ୍ରିୟା ସୃଷ୍ଟି କରିପାରେ । ଏହାଛଡ଼ା, କଷ୍ଟମ୍ସ ଏବଂ ସୀମା ସୁରକ୍ଷା ବିଭାଗ କିପରି ଏହି ନୂତନ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି । ଅନ୍ୟପକ୍ଷରେ, ଟ୍ରମ୍ପ ପ୍ରଶାସନ ହୁଏତ ଅନ୍ୟ କୌଣସି ପୁରୁଣା ଆଇନର ଆଶ୍ରୟ ନେଇ ପୁଣିଥରେ ଶୁଳ୍କ ଲଗାଇବାକୁ ଚେଷ୍ଟା କରିପାରନ୍ତି । କିନ୍ତୁ ବର୍ତ୍ତମାନ ପାଇଁ, ଏହି ରାୟ ବିଶ୍ୱ ବାଣିଜ୍ୟରେ ଏକ ଆଶ୍ୱସ୍ତିର ବାତାବରଣ ସୃଷ୍ଟି କରିଛି । ଭାରତ ଭଳି ବିକାଶଶୀଳ ଦେଶମାନଙ୍କ ପାଇଁ ମଧ୍ୟ ଏହା ଏକ ଶୁଭ ସଙ୍କେତ, କାରଣ ଆମେରିକାର ରକ୍ଷଣଶୀଳ ନୀତି ଯୋଗୁଁ ଆଇଟି, ଔଷଧ ଏବଂ ବୟନ ଶିଳ୍ପର ରପ୍ତାନି ବାଣିଜ୍ୟ ବାଧାପ୍ରାପ୍ତ ହେଉଥିଲା । ମୁକ୍ତ ବାଣିଜ୍ୟର ପୁନରୁଦ୍ଧାର ହେଲେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି । ବିଶେଷଜ୍ଞମାନଙ୍କ ମତରେ, ଯଦି ଏହି ଟାରିଫ୍ ଜାରି ରହିଥାନ୍ତା, ତେବେ ୨୦୨୬ ମସିହାରେ ବିଶ୍ୱ ଜିଡିପି ଅଭିବୃଦ୍ଧି ହାରରେ ପ୍ରାୟ ୧ ପ୍ରତିଶତ ହ୍ରାସ ଘଟିଥାନ୍ତା । ତେଣୁ, ଏହି ରାୟକୁ କେବଳ ଆମେରିକାର ଆଭ୍ୟନ୍ତରୀଣ ମାମଲା ଭାବେ ନ ଦେଖି ବିଶ୍ୱ ଅର୍ଥନୀତିର ସୁରକ୍ଷା ଦୃଷ୍ଟିରୁ ବିଚାର କରାଯିବା ଉଚିତ୍ ।

ପରିଶେଷରେ, ୨୦୨୬ ଫେବୃଆରୀ ୨୦ର ଏହି ରାୟ କେବଳ ଏକ ଆଇନଗତ ନିଷ୍ପତ୍ତି ନୁହେଁ, ବରଂ ଏହା ଅର୍ଥନୈତିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ମୂଲ୍ୟବୋଧର ବିଜୟ । ଏହା ଦର୍ଶାଉଛି ଯେ ଏକ ସୁସ୍ଥ ଗଣତନ୍ତ୍ରରେ 'ଚେକ୍ ଆଣ୍ଡ ବାଲାନ୍ସ' ବା ନିୟନ୍ତ୍ରଣ ଓ ସନ୍ତୁଳନ ବ୍ୟବସ୍ଥା କିପରି କାର୍ଯ୍ୟ କରେ । ଯଦିଓ ରାଜନୈତିକ ବିତର୍କ ଜାରି ରହିବ, ତଥାପି ସୁପ୍ରିମକୋର୍ଟଙ୍କ ଏହି ପଦକ୍ଷେପ ଆମେରିକା ତଥା ବିଶ୍ୱ ଅର୍ଥନୀତିକୁ ଏକ ଅନାବଶ୍ୟକ ସଙ୍କଟରୁ ରକ୍ଷା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଟ୍ରମ୍ପଙ୍କ 'ଟାରିଫ୍ ରାଜ୍' ଉପରେ ଲାଗିଥିବା ଏହି ରୋକ୍ ଆଗାମୀ ଦିନରେ ବିଶ୍ୱ ବାଣିଜ୍ୟ ସମ୍ପର୍କକୁ ନୂଆ ଦିଶା ଦେବ ଏବଂ ଅର୍ଥନୈତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ଆଶା କରାଯାଏ । ଏହି ଐତିହାସିକ ରାୟ ଆମକୁ ଶିକ୍ଷା ଦିଏ ଯେ କ୍ଷମତା ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ସମ୍ବିଧାନ ଏବଂ ଆଇନ ସର୍ବଦା ସର୍ବୋପରି ରହିବ ।

# ଶିକ୍ଷା ଓ ରାଜନୀତି

## ଅଶ୍ୱିନୀ କୁମାର ମହାନ୍ତି

ଏଇ ଲାଗଲାଗ କିଛି ଏମିତି ଘଟଣାସବୁ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଘଟିଲା, ସେସବୁ ଜାଣି ଏଠାରେ କିଛି ଲେଖିବାକୁ ଉଚିତ ମଣୁଛି ।

୧. ବାଲେଶ୍ୱର ଜିଲ୍ଲାର ଶ୍ରୀଜଙ୍ଗସ୍ଥିତ ଦାସମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ପିଲା ନିଜ ବିଦ୍ୟାଳୟ ବ୍ୟାଗରେ ବନ୍ଧୁକ ଆଣିବା ଘଟଣା ଏବଂ ଏହା ପୂର୍ବରୁ ସେ ଗୋଟେ ପିଲାର ବେକରେ ଭୁଜାଲି ଲଗାଇଥିବା ଓ ଅନ୍ୟ ଏକ ପିଲାର ବେକକୁ ବ୍ଲେଡରେ କାଟିବା ଘଟଣା, ଯେଉଁଥିପାଇଁ ଜିଲ୍ଲା ପ୍ରଶାସନ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀ ତଥା ଗ୍ରାମବାସୀ ଦୁଇଦିନ ଦିନରାତି ନାକେଦମ ହୋଇଥିଲେ । ସେହିପରି ସେହି ବାଲେଶ୍ୱର ଜିଲ୍ଲାର ରେମୁଣା ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଜଣେ ଛାତ୍ର ନବମ ଶ୍ରେଣୀର ଏକ ଛାତ୍ରକୁ ଖଣ୍ଡାରେ ହାଣିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ପୁଣି ଉକ୍ତ ଜିଲ୍ଲାର ସନ୍ତରାଗଡିଆ ସରକାରୀ ଉଚ୍ଚବିଦ୍ୟାଳୟରେ କିଛି ଛାତ୍ର ଅନ୍ୟଜଣେ ଛାତ୍ରକୁ ଆକ୍ରମଣକରି ଦରମରା କରିବା ଘଟଣା, ସେହିପରି ଭଦ୍ରକ ଜିଲ୍ଲାସ୍ଥିତ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଦୁଇ ଛାତ୍ର ମଦ ପିଇ ବିଦ୍ୟାଳୟରେ ଚେତାଶୂନ୍ୟ ହେବା ଘଟଣା, ପୁଣି କନ୍ଧମାଳ ଜିଲ୍ଲାର ଟିକାବାଲି ସରକାରୀ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀର ଦୁଇଛାତ୍ର ମଦପିଇ ବଜାରରେ ଅଚେତ ହୋଇପଡିବା ଘଟଣା ତଥା ମୁନିଗୁଡା ପାଇକ ଡାକୁଲୁଗୁଡା ବିଦ୍ୟାଳୟର ଜଣେ ଛାତ୍ର ଥିନର ପକାଇ ଚାରିଜଣ ଛାତ୍ରଙ୍କୁ ନିଆଁ ଲଗାଇ ମାରିବାକୁ ଉଦ୍ୟମ କରିବା ଘଟଣାଗୁଡିକୁ ନେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏସବୁ ବ୍ୟତୀତ ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଜଣେ ଦଶମ ଶ୍ରେଣୀ ଛାତ୍ରର ଜାଗରଦିନ ମୃତ୍ୟୁ ହେବା, ଚୌଦ୍ୱାର ଜୟପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦପିଇ ବିଦ୍ୟାଳୟ ଆସି ଟଳମଳହେବା, ଦେବଗଡ଼ ଜିଲ୍ଲାର ଏକ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ, ସେହି ଜିଲ୍ଲାର ରିଆମାଳ କୁଣ୍ଢେଇଗୋଳା ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ଛାତ୍ରୀମାନଙ୍କୁ ଅସଦବ୍ୟବହାର କରିବା ଘଟଣା ମଧ୍ୟ ସର୍ବସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି । ଉପରୋକ୍ତ ଛାତ୍ର ଓ ଶିକ୍ଷକମାନଙ୍କ କାଣ୍ଡ କାରନାମା ଏବେ ପ୍ରାୟ ସମସ୍ତ ବିଦ୍ୟାଳୟରେ ଊଣାଅଧିକେ ଦେଖିବାକୁ ମିଳୁଛି । ସମସ୍ତଙ୍କ ମତରେ ବିଦ୍ୟାଳୟର ପୂର୍ବ ଗରିମା, ମହତ୍ତ୍ୱ ସବୁ ନଷ୍ଟ ହୋଇଗଲାଣି । ପ୍ରକୃତରେ ସେମାନଙ୍କ ଅଭିଯୋଗ ସତ୍ୟ, ଏହା ସ୍ୱୀକାର କରିବାକୁ ହେବ । କିନ୍ତୁ ଏଠାରେ ଏକ ପ୍ରଶ୍ନ ଉଠୁଛି, ସେହି ମହତ୍ତ୍ୱକୁ ନଷ୍ଟକଲା କିଏ ? ଛାତ୍ରଛାତ୍ରୀ ? ଶିକ୍ଷକଶିକ୍ଷିକା ? ଅଭିଭାବକ ? ପ୍ରଶାସକ ? ନା ରାଜନୈତିକ ନେତୃବୃନ୍ଦ ?

ପୂର୍ବରୁ ବିଦ୍ୟାଳୟକୁ ଦେବାଳୟ ଓ ଗୁରୁମାନଙ୍କୁ ଦେବତା ସଦୃଶ ବିବେଚନା କରାଯାଉଥିଲା । ବିଦ୍ୟାଳୟ କହିଲେ ବିଦ୍ୟାର ଆଳୟ ଅର୍ଥାତ୍ ଜ୍ଞାନର ଗନ୍ତାଘର, ଯେଉଁଠାରେ ଜଣେ ବିଭିନ୍ନ ବିଷୟରେ ପାରଙ୍ଗମତା ଲାଭକରି ଦୁନିଆରେ ନିଜକୁ ପ୍ରତିଷ୍ଠିତ କରାଇବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥାଏ । ଆଉ ଗୁରୁ କହିଲେ ଗୁ + ରୁ ଅର୍ଥାତ୍ 'ଗୁ' ଅର୍ଥ ଅନ୍ଧକାର, ଆଉ 'ରୁ' ଅର୍ଥ ମୁକ୍ତି ପ୍ରଦାନକାରୀ । ଏଣୁ ଅଜ୍ଞାନତା ରୂପକ ଅନ୍ଧକାରରୁ ଯିଏ ମୁକ୍ତିପ୍ରଦାନକରି ନୂତନ ଜ୍ଞାନାଲୋକ ପ୍ରଦାନ କରିଥାଏ, ସେ ହିଁ ଗୁରୁ । ଆର୍ଯ୍ୟସମାଜରୁ ଉନ୍ନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ସାଧନାରେ, ତପସ୍ୟାରେ ସିଦ୍ଧିଲାଭ କରିଥିବା ବ୍ୟକ୍ତି ଗୁରୁ ରୂପେ ସ୍ୱୀକୃତି ପାଉଥିଲେ । ଆଉ ସେମାନଙ୍କ ବାସସ୍ଥାନ ହିଁ ଥିଲା ଗୁରୁକୁଳାଶ୍ରମ ବା ବିଦ୍ୟାଳୟ । ସେତେବେଳେ ସମସ୍ତେ ବିଦ୍ୟା ଶିକ୍ଷା କରୁନଥିଲେ । ବିଦ୍ୟାରେ ଆଗ୍ରହୀ ବିଦ୍ୟାର୍ଥୀ କେବଳ ବିଦ୍ୟା ଅର୍ଜନ କରୁଥିଲେ । ଆଉ ରାଜା, ମହାରାଜା ମାନେ ମଧ୍ୟ ନିଜର ସନ୍ତାନମାନଙ୍କୁ ବିଦ୍ୟାର୍ଜନ ନିମନ୍ତେ ସେହି ଗୁରୁକୁଳାଶ୍ରମରେ ଛାଡ଼ି ଆସୁଥିଲେ । ସେଠାରେ ଗୁରୁ ସମସ୍ତଙ୍କୁ ସମାନ ବିବେଚନା କରି ବିଦ୍ୟାଦାନ କରୁଥିଲେ । ସେଠାରେ ଗୁରୁ ଅସ୍ତ୍ରଶସ୍ତ୍ର ଶିକ୍ଷା ବ୍ୟତୀତ ବିଭିନ୍ନ ବ୍ୟାଧିର ନିଦାନର ଉପଚାର ସହିତ ବିଭିନ୍ନ ନୈତିକ ବିଦ୍ୟା, ଯାହା ବିଦ୍ୟାର୍ଥୀ ମାନଙ୍କୁ ଉପଯୁକ୍ତକରି ଗଢିତୋଳିବ, ସେସବୁ ପ୍ରଦାନ କରୁଥିଲେ । ଆଉ ସେହି ବିଦ୍ୟାର୍ଥୀଗଣ ସମାଜର ପଥ ପ୍ରଦର୍ଶକ ସାଜି ସମାଜର ମଙ୍ଗ ଧରୁଥିଲେ ।

କିନ୍ତୁ ଇଂରେଜ ଶାସନ ସମୟରେ ନୂତନ ଧାରା ପ୍ରଚଳିତ ହେଲା । ବିଦ୍ୟାର ନାମ ଶିକ୍ଷା କରାଗଲା । ଆଉ ଗୁରୁ ପରିଣତହେଲେ ଶିକ୍ଷକ ବା ଶିକ୍ଷୟିତାରେ, ଗୁର୍ବିଣୀ ପରିଣତହେଲେ ଶିକ୍ଷିକା ବା ଶିକ୍ଷୟିତ୍ରୀରେ, ଆଉ ବିଦ୍ୟାର୍ଥୀ ଓ ବିଦ୍ୟାର୍ଥିନୀ ପରିଣତହେଲେ ଛାତ୍ରଛାତ୍ରୀରେ ଏବଂ ଗୁରୁକୁଳାଶ୍ରମ ପରିଣତହେଲା ବିଦ୍ୟାଳୟରେ । ଏଠାରେ ସାଧନା ଓ ତପସ୍ୟାରେ ସିଦ୍ଧିଲାଭକରିଥିବା ଗୁରୁମାନଙ୍କୁ ଅଯୋଗ୍ୟ କହି ଅବସର ଦିଆଗଲା । ଶିକ୍ଷାରେ ଡିଗ୍ରୀଧାରୀ ଯେ କୌଣସି ବ୍ୟକ୍ତିଙ୍କୁ ଶିକ୍ଷକ ବା ଶିକ୍ଷିକା ରୂପେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ନିଯୁକ୍ତି ମିଳିଲା । ଯାହା ଅଦ୍ୟାବଧି ପ୍ରଚଳିତ ହେଉଛି । ପ୍ରକୃତରେ ଅଭିଜ୍ଞତା ଜ୍ଞାନର ମୂଲ୍ୟାଙ୍କନ ଓ ଅନୁଶୀଳନକରି ପରିମାର୍ଜିତ କରାଇଥାଏ । ସେଥିପାଇଁ ପୂର୍ବରୁ ସବୁ କ୍ଷେତ୍ରରେ ବଡମାନଙ୍କର ପରାମର୍ଶ ନିଆଯାଉଥିଲା । ମାତ୍ର ବର୍ତ୍ତମାନ ଅଭିଜ୍ଞର କୌଣସି ମୂଲ୍ୟ ନାହିଁ । ଯିଏ ଶାସନ ଗାଦିରେ ବସିଲା ଏବଂ ଯିଏ ମୋଟା ଅଙ୍କର ଅର୍ଥ ରୋଜଗାର କରିଲା, ତାର ଆଦର ହେଲା । ପ୍ରତି କଥାରେ ସେମାନଙ୍କୁ ଆଗ ଖୋଜା ପଡିଲା । ସେଠାରେ ବିଚରା ବୟସ୍କ, ଅଭିଜ୍ଞଟି କୋଣଠେସା ହୋଇ ରହିଲା ।

ଉନବିଂଶ ଶତାବ୍ଦୀରେ ସାକ୍ଷର ଓ ଶିକ୍ଷିତଙ୍କ ସଂଖ୍ୟା ବହୁତ କମ୍ ଥିଲା । ଶିକ୍ଷାଗ୍ରହଣ ପାଇଁ ଅର୍ଥ ଆବଶ୍ୟକ ହେଉଥିବାରୁ ଦରିଦ୍ର ଦେଶର ଲୋକେ ଦାରିଦ୍ର୍ୟତା ଯୋଗୁଁ ଶିକ୍ଷାଲାଭରୁ ବଞ୍ଚିତ ହେଉଥିଲେ । ଯିଏ ଶିକ୍ଷା ଗ୍ରହଣ କରିପାରୁଥିଲା, ସେ ପାଇଁ ସମାଜରେ ତା'ର ଖାତିରି ବଢ଼ିବା ସହିତ ତା'ର ମନରେ ମଧ୍ୟ ଗର୍ବ ରହୁଥିଲା । ହାତଗଣତି ଅଳ୍ପ କେତେଜଣ ଶିକ୍ଷିତଙ୍କୁ ନେଇ ଦେଶର, ରାଜ୍ୟର ଶାସନ କଳ ଚାଲିଥିଲା । ସେଥିପାଇଁ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳିତ ଓ ନିୟମାନୁବର୍ତ୍ତୀ ହେବାସହ ଶୁଦ୍ଧପୂତ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦିଆଯାଉଥିଲା । ଧୀରେ ଧୀରେ ଶିକ୍ଷିତଙ୍କ ସଂଖ୍ୟା ବଢିବା ସହିତ ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା କମିବାକୁ ଲାଗିଲା । ବିଂଶ ଶତାବ୍ଦୀର ନବମ ଦଶକ ପର୍ଯ୍ୟନ୍ତ ଶିକ୍ଷା, ଶିକ୍ଷାୟତନ, ଅନୁଶାସନ, ଶିକ୍ଷାଦାନ ପ୍ରାୟ ସବୁକିଛି ଠିକ୍ ଥିବା ପରି ଜଣାଯାଏ । ଯଦିଓ ଶିକ୍ଷକମାନଙ୍କର ଦରମା ଓ ଅନ୍ୟାନ୍ୟ ସୁବିଧାର ଅଭାବ, ଛାତ୍ରଛାତ୍ରୀମାନଙ୍କର ବର୍ତ୍ତମାନର ଉପଲବ୍ଧ ପୁସ୍ତକ, ବସ୍ତ୍ର, ସାଇକେଲ, ମଧ୍ୟାହ୍ନ ଭୋଜନ ପ୍ରଭୃତି ସୁବିଧାର ଅଭାବ, ବିଦ୍ୟାଳୟ ଗୃହ ଓ ଅନ୍ୟ ସରଞ୍ଜାମର ଅଭାବ ଥିଲା, ମାତ୍ର ଶୃଙ୍ଖଳା, ଶିକ୍ଷାଗ୍ରହଣ ସବୁ ଠିକ୍ ଥିଲା ।

ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ବେଳକୁ ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ହାୱା ବହିବାକୁ ଆରମ୍ଭ କଲା । ପୂର୍ବ ବିଦ୍ୟାଳୟ ଶିକ୍ଷାବର୍ଷ ଆରମ୍ଭ ସମୟ ଜୁନ ୧୭/୧୮ ପରିବର୍ତ୍ତେ ଏପ୍ରିଲ ଦୁଇରୁ ଆରମ୍ଭ ହେଲା । ଦଶମ ଶ୍ରେଣୀର ପୂର୍ବରୁ ଟେଷ୍ଟ ପରୀକ୍ଷା ପରେ ନିଶ୍ଚିତ ପାସ ପିଲାମାନଙ୍କୁ ବାର୍ଷିକ ପରୀକ୍ଷା ପାଇଁ ମନୋନୀତ କରାଯାଇ ସେମାନଙ୍କର ଫର୍ମପୂରଣ କରାଯାଉଥିଲା କିନ୍ତୁ ନୂତନ ପଦ୍ଧତି ଅନୁସାରେ ଦଶମ ଶ୍ରେଣୀ ଆରମ୍ଭ ମାତ୍ରକେ ଧୂଆ ମୂଳା ଅଧୂଆ ମୂଳା ସମସ୍ତେ ସମାନ ରୀତିରେ ସମସ୍ତଙ୍କର ଫର୍ମ ପୂରଣ କରିଦିଆଗଲା । ପୁଣି ପାସଫେଲ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉଠାଇଦିଆଗଲା । କୋଡିଏ ମାର୍କକୁ ସବୁ ବିଦ୍ୟାଳୟ ନିଜେ ଦେଇ ବୋର୍ଡକୁ ପଠାଇଲେ । ନିଜପିଲାକୁ କିଏ ବା କାହିଁକି କମ୍ ମାର୍କ ଦେବ ? ଆଉ ପଚାଶ ପ୍ରତିଶତ ମାର୍କର ଚାରୋଟି ବିକଳ୍ପ ଦିଆଗଲା । ତାହାକୁ ପୁଣି ଅନେକ ସେଣ୍ଟରରେ ଡାକିଦିଆ ଯାଉଥିବାର ନଜିର ଅଛି । ବାକି ତିରିଶ ମାର୍କ ଦୀର୍ଘ ଉତ୍ତର ମୂଳକକୁ ଯିଏ ଯାହା ଲେଖିଲା, ସେପରି ମାର୍କ ପାଇଲା । ପନ୍ଦରବର୍ଷ ଶିକ୍ଷାଦାନ କଲାପରେ ପରୀକ୍ଷକ ଭାବେ ମୂଲ୍ୟାୟନ ପାଇଁ ଶିକ୍ଷକଶିକ୍ଷିକା ଯୋଗ୍ୟ ବିବେଚିତ ହୁଅନ୍ତି । ମାତ୍ର ଅନେକ ବରିଷ୍ଠ ଶିକ୍ଷକ ମୂଲ୍ୟାୟନ କାର୍ଯ୍ୟରୁ ଦୂରେଇ ରହିବା ଯୋଗୁଁ ନୂତନ ଅନଭିଜ୍ଞ ଶିକ୍ଷକ ଶିକ୍ଷିକାମାନଙ୍କୁ ମୂଲ୍ୟାୟନ ପାଇଁ ନିଯୁକ୍ତି ଦିଆଯାଏ । ଫଳରେ ପରୀକ୍ଷା ମୂଲ୍ୟାୟନ କ'ଣ ହେଉଥିବ, ସହଜରେ ଅନୁମେୟ । ଏଣୁ ଫଳ ପ୍ରାୟ ଶତପ୍ରତିଶତ ହେଲା । ମାତ୍ର ଯେଉଁ କେତେଜଣ ଫେଲହେଲେ, ପ୍ରକୃତରେ ସେମାନେ ପ୍ରଥମରୁ ଫର୍ମପୂରଣ କରିଥିଲେ । ମାତ୍ର ପରେ କାମକରିବାକୁ ବାହାରକୁ ଯାଇଥିବାରୁ ପରୀକ୍ଷା ଦେଇନପାରି ଫେଲ ହୋଇଥିଲେ । କିନ୍ତୁ ପ୍ରତ୍ୟେକ ବର୍ଷ ଲୋକମାନଙ୍କୁ ଭୁଆଇବା ପାଇଁ ଘୋଷଣା କରାଯାଏ, କପି ରୋକାହେବ, ସିସି କ୍ୟାମେରା ଲାଗିବ, ପ୍ରଶ୍ନ ଷ୍ଟ୍ରଙ୍ଗ ରୁମରେ କଡ଼ା ସୁରକ୍ଷା ମଧ୍ୟରେ ରହିବ, କପିକରୁଥିବା ଓ ଯୋଗାଉଥିବା ଉଭୟଙ୍କୁ ସଶ୍ରମ କାରାଦଣ୍ଡ ଓ ଆର୍ଥିକ ଦଣ୍ଡ ଦିଆଯିବ ଓଗେରା ଓଗେରା । ମାତ୍ର ହାତୀ ପାଡିବ ପାଡିବ ଫୁସ୍ ପରି ସବୁ ପ୍ରହସନ । ଶେଷରେ ମୂଲ୍ୟାୟନ କେନ୍ଦ୍ରରେ କୁହାଯିବ, ଟିକେ କୋହଳ ହେବେ, ଯେପରି ସମସ୍ତଙ୍କୁ ପାସ୍ କରାଇବାକୁ ଚେଷ୍ଟାକରିବେ । ମୂଲ୍ୟାୟନ ପରେ ଶିକ୍ଷା ପରିଷଦରେ ଟେବୁଲେସନ ବସି କେତେ ଭାଗ ଫଳ ହେଲା ଦେଖି ପୂର୍ବବର୍ଷ ଅପେକ୍ଷା କମିଥିଲେ, ଆଦିବାସୀ ଓ ହରିଜନ ପିଲାମାନଙ୍କ ଠାରୁ ପାସ କରାଇ ଆଣି ଫଳ ବଢାଗଲା । ତେବେ ମିଛରେ ଏ ତୁମ୍ବିତୋଫାନ କ'ଣ ପାଇଁ ?

ପ୍ରକୃତରେ ଶିକ୍ଷାକୁ ନେଇ ଆରମ୍ଭ ହୋଇଯାଇଥିଲା ରାଜନୀତି । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷାଫଳ ସତାନବେ/ ଅଠାନବେ ପ୍ରତିଶତ ହେଉଥିବାବେଳେ ଆମ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷାଫଳ କମ୍ ହେବା ରାଜ୍ୟ ସରକାରଙ୍କ ପ୍ରତି ଚରମ ଅପମାନ ଅଟେ । ଏଣୁ ଶିକ୍ଷାଦାନ ଯାହା ହେଉନା କାହିଁକି, ପିଲାମାନଙ୍କ ନୈତିକ ମାନଦଣ୍ଡ ବୃଦ୍ଧି ହେଉବା ନହେଉ ପରୀକ୍ଷାଫଳ ତାଙ୍କ ଠାରୁ ଉଚ୍ଚ ହେବା ଦରକାର । ଏପରି ସ୍ଥଳରେ ପିଲାମାନଙ୍କ ପଢିବା, ଶୃଙ୍ଖଳା, ନୈତିକତାକୁ କିଏ ପଚାରେ ?

ପୁଣି କରୋନା ପରେପରେ ଆରମ୍ଭ ହୋଇଗଲା ଡିଜିଟାଲ ପାଠ । ସ୍ମାର୍ଟବୋର୍ଡରେ ଭର୍ତ୍ତି ହୋଇଥିବା ଶିକ୍ଷାଦାନକୁ ପିଲାମାନଙ୍କୁ ପ୍ରଦାନ କରାଗଲା । ସେ ପାଠ୍ୟଦାନ ଶୈଳୀ ସଠିକ୍ କି ଭୁଲ୍ ସେକଥା ବିବେଚନା କରିବାର କାହାର ଅଧିକାର ନାହିଁ । ଗାଁ ଓ ସହରରେ ଜଣେ ଜଣେ ଶିକ୍ଷକ ସବୁବିଷୟ ପଢାଇ ଟିଉସନ କଲାପରି ଏଠାରେ ଜଣେ ଶିକ୍ଷକ ସ୍ମାର୍ଟବୋର୍ଡରେ ସବୁବିଷୟ ଲଗାଇଦେଇ ନିଶ୍ଚିନ୍ତରେ ବସିରହିଲେ । ପିଲା ଖୁସ, ମାଷ୍ଟର ଖୁସ, ଅଭିଭାବକ ଖୁସ, ପ୍ରଶାସକ ଖୁସ, ସମସ୍ତେ ଖୁସ ।

ଏହି ସମୟରେ ଆଉ ଏକ ଘଟଣା ଘଟିଲା, ବିଦ୍ୟାଳୟ ହେଲା ଦଣ୍ଡମୁକ୍ତ ଅଞ୍ଚଳ । କେହି ଶିକ୍ଷକ କୌଣସି ପ୍ରକାରେ ଦଣ୍ଡ ଦେଇପାରିବେ ନାହିଁ । ଆଉ ପିଲାମାନଙ୍କୁ କୁହାଗଲା କିଛି ହେଲେ ଟୋଲ ଫ୍ରି ନମ୍ବରରେ ଫୋନ୍ କରିବାକୁ । ଏଣୁ ଭୟରେ କେହି ଆଉ ଦଣ୍ଡ ଦେବାକୁ କି ତାଗିଦା କରିବାକୁ ଚାହିଁଲେନି । ଯାହା ଫଳରେ ପିଲାମାନେ କେହି ଆଉ କାହାକୁ ମାନିଲେନି ।

ଅନ୍ୟ ଏକ କଥା ହେଲା ବର୍ତ୍ତମାନ ଛାତ୍ର ବିସ୍ଫୋରଣ ଦେଖାଦେଇଛି । ପୂର୍ବରୁ ଷାଠିଏ ପିଲା ହେଲେ ସେକ୍ସନ କରାଯାଉଥିଲା । କାରଣ ଜଣେ ଶିକ୍ଷକ ତିରିଶ ଜଣ ଛାତ୍ରଛାତ୍ରୀଙ୍କୁ ଭଲଭାବେ ଲକ୍ଷ୍ୟକରି ଶିକ୍ଷାଦାନ କରିପାରିବ । ମାତ୍ର ଯେଉଁଠି ଶତାଧିକ ପିଲା, ସେଠି ଶୃଙ୍ଖଳାରେ ପଢାଇବା କାଠିକର ପାଠ । ଗତକାଲି ଏବିଷୟରେ ବନ୍ଧୁ ରାଜ୍ୟପୁରସ୍କାର ପ୍ରାପ୍ତ ତଥା ଆଦର୍ଶ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସଙ୍କ ସହିତ ଆଲୋଚନା କରୁଥିବା ସମୟରେ ସେ କେତୋଟି କଥା କହିଲେ । ସରକାର ଶିକ୍ଷାକୁ ରାଜନୀତି କରିବା ଫଳରେ ସବୁ ବିଶୃଙ୍ଖଳା ଦେଖା ଦେଇଛି । ତାଙ୍କ କହିବା କଥା, ସମାଜରେ ଅନେକ ପ୍ରକାରର ପିଲା ଅଛନ୍ତି । କିଏ ପାଠରେ ତ କିଏ ଖେଳରେ, ଆଉକିଏ ନାଚରେ, ଆଉ କିଏ ଗୀତରେ, କିଏ ପୁଣି କୃଷିରେ ଏମିତି ବିଭିନ୍ନ ପିଲାଙ୍କର ଭିନ୍ନଭିନ୍ନ ରୁଚି ଥାଏ । ସମସ୍ତଙ୍କର ପାଠରେ ମନ ନଥାଏ । (କ୍ରମଶଃ)

# ଏସସି, ଏସଟି ବର୍ଗରେ କ୍ରିମିଲେୟାର



## ସୌଭାଗ୍ୟ ରଂଜନ ମହାନ୍ତି

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂରକ୍ଷଣ ସୁବିଧା ସୁଯୋଗରୁ କ୍ରିମିଲେୟାରଙ୍କୁ ବାଦ ଦେବା ନେଇ କେନ୍ଦ୍ର ସରକାରଙ୍କ ମତାମତ ଲୋଡିବା ପାଇଁ ସୁପ୍ରିମକୋର୍ଟଙ୍କ ନିଷ୍ପତି ଦେଶରେ ଦୀର୍ଘ କାଳ ଧରି ସ୍ଥଗିତ ରହିଥିବା ଏକ ବିର୍ତକକୁ ପୁଣି ଥରେ ଖୋଲିବା ଆଂଶଙ୍କାକୁ ଉଜ୍ଜୀବତ କରିଛି । ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ତଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂରକ୍ଷଣରୁ ସମ୍ପ୍ରଦାୟର ସ୍ୱଚ୍ଛଳ ବର୍ଗ ବା କ୍ରିମିଲେୟାର ମାନଙ୍କୁ ବାଦ ଦେବା ଦାବିରେ ଦାୟର ଏକ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ କ୍ରିମିଲେୟାରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବାଦ୍ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ । ଅଦାଲତଙ୍କ ରାୟକୁ ନେଇ ଦେଶବ୍ୟାପୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଓ ବିଭିନ୍ନ ସଂଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଶେଷରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଐତିହାସିକ ଜାତିଭିତିକ ବାଛବିଚାର ଓ ଅସ୍ପୃଶ୍ୟତାରୁ ପ୍ରତିକାର ବା ସମାଜରୁ ଏହି କଳଙ୍କକୁ ହଟାଇବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସମ୍ବିଧାନ ପ୍ରଣୟନ ସଭା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ । ଏହି ସଂରକ୍ଷଣ ବ୍ୟବସ୍ଥା ସେମାନଙ୍କ ଅର୍ଥନୈତିକ ଦୁରାବସ୍ଥା ପାଇଁ ଉଦ୍ଧିଷ୍ଟ ନଥିଲା । ଯେଉଁଥିପାଇଁ କି କ୍ରିମିଲେୟାର ନୀତି କେବଳ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସଂରକ୍ଷଣ କ୍ଷେତ୍ରରେ ଲାଗୁ ହୋଇଥିବାବେଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂରକ୍ଷଣରୁ ଏଥିରୁ ପୃଥକ ରଖାଯାଇଛି । ଉଲ୍ଲେଖଯୋଗ୍ୟ ଓବିସି ସଂରକ୍ଷଣରୁ କ୍ରିମିଲେୟାର ବା ଆର୍ଥିକ ସ୍ୱଚ୍ଛଳବର୍ଗ, ଯେଉଁମାନଙ୍କର ବାର୍ଷିକ ଆୟ ୮କୋଟି ଟଙ୍କାରୁ ଅଧିକ ସେମାନଙ୍କୁ ବାଦ ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ କ୍ଷେତ୍ରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷଣ ରହିଛି । ଦେଶରେ ଦଶନ୍ଧି ଦଶନ୍ଧି ଧରି ରହିଆସିଥିବା ସଂରକ୍ଷଣ ବଳରେ ଏହି ବର୍ଗରେ ବହୁ ବିଧାୟକ ଓ ମନ୍ତ୍ରୀ ହୋଇଥିବାବେଳେ ନିଯୁକ୍ତି କ୍ଷେତ୍ରରେ ବହୁ ସର୍ବଭାରତୀୟ ସ୍ତରର ପ୍ରଶାସନିକ ଅଧିକାରୀ ହୋଇପାରିଥିବା ବହୁ ପଦସ୍ଥ ଅଧିକାରୀ ହୋଇପାରିଛନ୍ତି । ଶିକ୍ଷାନୁଷ୍ଠାନଗୁଡିକର ଅଗ୍ରାଧିକାର ଭିତିରେ ନାମଲେଖା ସହ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି । ଅନୁସୂଚିତ ଜନଜାତି ପାଇଁ ୨୩.୫ ପ୍ରତିଶତ ଏବଂ ଅନୁସୂଚିତ ଜାତି ପାଇଁ ୧୫ ପ୍ରତିଶତ ସଂରକ୍ଷଣ ଥିବା ଯୋଗୁଁ ଏହି ବର୍ଗରେ ବହୁ ଉଚ୍ଚ ଆୟକାରୀ ବର୍ଗରେ ସାମିଲ ହୋଇପାରିଥିବାବେଳେ ବାଛବିଚାରରୁ ମଧ୍ୟ ମୁକ୍ତ ହୋଇପାରିଛନ୍ତି । ଏହା ସତ୍ୱେ ଏହି ଦୁଇ ବର୍ଗରେ ଏବେ ବି ଦୁଇ ତୃତୀୟାଂଶ ଅଧିକ ସମାଜରେ ବାଛବିଚାରର ସମ୍ମୁଖୀନ ହେଉଥିବ ।ବେଳେ ସଂରକ୍ଷଣର କୌଣସି ସୁବିଧା ସୁଯୋଗ ସେମାନଙ୍କୁ ଉପରକୁ ଉଠାଇ ପାରିନାହିଁ କିମ୍ବା ସାମାଜିକ ମହାସ୍ରୋତରେ ସାମିଲ କରିପାରିନାହିଁ । ଏହା ନିସନ୍ଦେହ ଯେ, ସଂରକ୍ଷଣ ଉଭୟ ଅନୁସୂଚିତ ଜାତି ଓ ଜନଜାତିରେ ଶ୍ରେଣୀ ବିଭାଗ ସୃଷ୍ଟି କରିଥିବା ଅଭିଯୋଗକୁ ଅସ୍ୱୀକାର କରାଯାଇନପାରେ । ଦଳେ ସମସ୍ତ ସୁବିଧା ହାତେଇ ନେଇ ଥିବାବେଳେ ଅନ୍ୟ ଦଳଟି ଯେଉଁ ତିମିରେକୁ ଦେଇ ତିମରେ ମଧରେ ରହିବା ସାର ହେଉଛି । ବର୍ଗର ସବୁଠୁ ନିମ୍ନ ସ୍ତରରେ ରହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବିକାଶ ସେମାନଙ୍କ ପାଇଁ ଅପହଂଚ । ଏହି ସମ୍ପ୍ରଦାୟର ସବୁଠୁ ନିମ୍ନ ସ୍ତରରେ ଲୋକଙ୍କୁ ଉପକରୁ ଉଠାଇବା ଲାଗି ସେମାନଙ୍କ ମଧ୍ୟରେ ଥିବା କ୍ରିମିଲେୟାରଙ୍କୁ ଏଥିରୁ ବାଦ୍ ଦେବା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । କିନ୍ତୁ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ସଂରକ୍ଷଣରେ କ୍ରିମିଲେୟାର ନେଇ ସମ୍ବିଧାନ କିଛି ଉଲ୍ଲେଖ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଯେଉଁମାନଙ୍କ ପାଇଁ ସଂରକ୍ଷଣ ସୁବିଧା ସୁଯୋଗ ଜରୁରୀ ଆବଶ୍ୟକତା ରହିଛି, ତାହାକୁ କିପରି ସୁନିଶ୍ଚିତ କରାଯାଇପାରିବ ? ଏହା ନିଶ୍ଚିତ ଯେ, ଏହି ବର୍ଗରେ କେବଳ ଆୟ, ପ୍ରତିପତିଙ୍କୁ ବିଚାରକୁ ନିଆଯାଇନପାରେ, ନୀତିର ଲକ୍ଷ୍ୟ, ସାଧିତ ହେବା ଏକାନ୍ତ ଆବଶ୍ୟକ । ଏ ନେଇ ସୁପ୍ରିମକୋର୍ଟ ନେଇଥିବା ନିଷ୍ପତି ଉପରେ କେନ୍ଦ୍ର ସରକାରଙ୍କ ମତାମତ ଗୁରୁତ୍ୱ ବହନ କରେ । ତେବେ ଏ ସମ୍ପର୍କରେ ବିତର୍କ ନକରି ସୁଚିନ୍ତିତ ନିଷ୍ପତି ନେବାର ସମୟ ଏବେ ଆସିଛି ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯


କବିତା କୋଣାର୍କ

## ପ୍ରେମ

### ସଦାଶିବ ବିଶ୍ୱାଳ



ପ୍ରେମ,
ଯାହା ଜୋର ଜବରଦସ୍ତି ହାସଲ ହୁଏନି
ଏହା ଚିରନ୍ତନ, ଶାଶ୍ୱତ
ସ୍ୱତଃ ଝରିଯାଉଥିବା ମନ୍ଦାକିନୀ
ଯାହା ଝରିଚାଲେ ନ ଅଟକି ଅବିରତ

ସର୍ବୋପରି ପ୍ରେମ ଦେଣ ନେଣ,
ଲାଭ, କ୍ଷତିର ହିସାବ ରଖେନି
ଯାହା କିଣି ହୁଏନି ବଜାରରୁ
ଅନ ଲାଇନରେ ଅର୍ଡର କରି ବି ହୁଏନି
ଆଜିର ପ୍ରେମ,
କ୍ଷଣସ୍ଥାୟୀ, ଲାଳସା କବଳିତ
କିଣି ହୁଏ ପଇସାଦେଇ
ଅନଲାଇନ କଥାବାର୍ତ୍ତାରୁ ଆରମ୍ଭ
ବଢ଼ାଯାଏ ଆଗକୁ ଏକାଠି ରହି

ପ୍ରେମ ଅଦ୍ୱିତୀୟ, ପ୍ରାଣସ୍ପର୍ଶୀ
ଯେବେ ହୁଏ ଭୌତିକ ସମ୍ପଦ ରହିତ
ପ୍ରାଣରୁ ଝରେ ଈଶ୍ୱର ପ୍ରେମର
ହୃଦୟ ନିଃସୃତ ସଂଗୀତ ।

+ଅଙ୍ଗରୁଆ, ଜିଲ୍ଲା - କେଉଁଝର

## ଚିହ୍ନା ଲାଗୁଥିବା ମୁହଁ

### ସରୋଜ କୁମାର ସାହୁ



ସେବେଠୁ କହିନାହିଁ କାହାକୁ
ତୁମକୁ ପସନ୍ଦ ଲାଗୁଥିବା ଫୁଲ
ତାର ରଙ୍ଗ କଥା
କି ଦେଇ କର ଗାଢ଼ ଆଉ ଫିକା
କେମିତି ଆଙ୍କ ଛବି
ଆଢୁଆଳେ,ବିନା ତୂଳୀରେ ।
କେବେ ଆସ
କେବେ ପୁଣି ଲୁଚିଯାଅ
ବେଳ ଅବେଳରେ ବି ମୁଁ ଖୋଜେ
ତୁମକୁ ନ ଜଣେଇ
ଗହଳି ନିଛାଟିଆ ଏବଂ ଗୋପନେ
ନଈ ଭୂଇଁ ଛାଇର ଆକାଶେ ।
ମିଛ ବି ଲାଗେ ସତପରି
ପୁରନ୍ତା ପାପୁଲି ମୋର
ସଦା ଢଳଢଳ
ପାଉଁଜିର ମୃଦୁ ଆଘାତ
ଚୁଡ଼ିର ରାଗିଣୀ
ବାଟ କାଟି ନିଏ ମୋତେ
ଠିକ ସେଇ ଆଡ଼କୁ
ଆଜିକାଲି, ମୁଁ ଭୁଲି ଯାଏନି କିଛି
ଚେହେରା ସେ ଝିଅଟିର ।
କିଏ ଅଦୃଶ୍ୟ ହାତର
ତୂଳୀଧରି ଅହରହ ଆଙ୍କୁଥାଏ
ମୋତେ, ମୋ ପାଖେ
ଛାତିରେ ଅସ୍ପଷ୍ଟ ଛବିଟିଏ
ଦୁଇଆଖି ମୁଦା ହେଉ କି ମୁକୁଳା
ମୁହଁଟି ଦିଶେ ହସହସ
ଅଫୁଟା କଢ଼ିଟେ ପରି ।
ସଭିଏଁ ଚାହାଁନ୍ତି ସେବେଠୁ
ଅପଲକ ନେତ୍ରେ
ସବୁଜ ଗଛର ଆବରଣ
ପାହାଡ଼ର ବିସ୍ତାର ଛାଇ
ଉଡ଼ନ୍ତା ଦଳେ ପକ୍ଷୀ
ବାସ୍
ଦେଖି ପାରେନି କାହାକୁ ମୁଁ
ଦେଖେ ଖାଲି ତୁମକୁ
ସେ ଚିହ୍ନା ଚିହ୍ନା ମୁହଁଟିକୁ ।।

+ଖୁଣ୍ଟୁଣୀ, ଆଠଗଡ, କଟକ
ମୋ: ୯୩୪୮୫୭୫୨୨୪









# ଜେଜେଙ୍କ ଉପଦେଶ

## ସତ୍ୟନାରାୟଣ ପ୍ରଧାନ



ଘରେ ସୋନୁ ପିନୁ ଭାଇ ଭଉଣୀଙ୍କ ଭିତରୁ ବଡ଼ ନାତୁଣୀ ପିନୁ ସହରରେ ରହି ପାଠ ପଢେ । ସେ ସମୟ ପାଇଲେ ସନ୍ଧ୍ୟାରେ ସାନଭାଇର ମୋବାଇଲରେ ତା ବାପା ମାଆ ସହିତ କଥା ହୁଏ । ନାତି ଟୋକା ଖାଲି ଦିନରାତି ମୋବାଇଲ ଧରି ଅଯଥାରେ ବଜାଏ ଆଉ ମଝିରେ କି ଖେଳ ଖେଳି ବଡ଼ ପାଟିରେ କାହା ସହିତ କଥା ହୁଏ । ଜେଜେ ବାପା ପୁରୁଣା କାଳିଆ ଲୋକ ହେଲେ ବି ଏ ସବୁ ତାଙ୍କୁ ମୋଟେ ଭଲ ଲାଗୁ ନ ଥିଲା । ଜେଜେ ବାପା ଅନେକ ଦିନରୁ ନାତୁଣୀକୁ ଦେଖି ନ ଥିବାରୁ ମନ ତାଙ୍କର ଦୁଃଖ ରହୁଥିଲା । ସେ ନାତି ମୋବାଇଲରେ ଦିନେ କଥା ହୋଇ ଭାରି ଖୁସି ଅନୁଭବ କଲେ । ଜେଜେ ବାପା ଭିଡ଼ିଓ କଲ୍ କରି ନାତୁଣୀ ଏତେ ଦୂରରେ ଥାଇ ଦେଖିଲା ପରେ ଆତ୍ମାକୁ ଟିକେ ଶାନ୍ତି ମିଳିଥିଲା । ଯାହା ହେଉ ସେ ସେଠାରେ ଭଲରେ ଅଛି ଦେଖି ଜାଣି ପାରିଥିଲେ ।

ଦିନକୁ ଦିନ ନାତିର ମୋବାଇଲ ଧରିବା ଆହୁରି ବଢ଼ି ଯାଇଥିଲା । ବାପା ପରିବାର ପୋଷିବା ଲାଗି ସକାଳୁ କାମକୁ ଗଲେ ସନ୍ଧ୍ୟାରେ ଯାଇ ଘରକୁ ଫେରୁଥିଲା । ବୋଉ ଗାଇଗୋରୁ ଘର କଥା ବୁଝିଲା ବେଳକୁ ରାତି ହୋଇ ଯାଉଥିଲା । ଘରର ଗୋଟେ ବୋଲି ପୁଅ ହୋଇ ଥିବାରୁ ତାକୁ ବେଶି ସମସ୍ତେ ଭଲ ପାଉ ଯାହା କଲେ କିଛି କହୁ ନ ଥିଲେ । ରବିବାର ହୋଇ ଥିବାରୁ ନାତିର ସ୍କୁଲ ଛୁଟି ଥାଏ । ସେ କୁଆଡ଼େ ବୁଲିବାକୁ ନ ଯାଇ ଜେଜେଙ୍କ ସହିତ ବଗିଚା ଆଡେ ବୁଲିବା ପାଇଁ ବାହାରି ପଡିଲା । ଜେଜେ ବାପା ନାତିର ଶାନ୍ତ ସ୍ୱଭାବ ଦେଖି ଏପରି ସୁଯୋଗ ପାଇ କିଛି ଉପଯୋଗୀ କଥା ପାଖରେ ବସାଇ ଶୁଣାଇଲେ।

ଜୀବନରେ ସବୁବେଳେ ଆବଶ୍ୟକଠାରୁ କୌଣସି ଜିନିଷକୁ ଅଧିକ ବ୍ୟବହାର କରିବା ଉଚିତ ନୁହଁ । ଆମେ ଯୁଗ ଅନୁସାରେ ଯେତେ ଚାଲିଲେ ବି ବାହ୍ୟ ପରିବେଶରେ ବୁଲି ମନକୁ ଖୁସି କରିବାରେ ପ୍ରକୃତ ଆନନ୍ଦ ଲେଖା ଅଛି । ବିଜ୍ଞାନ ଯେତେ ଆଗକୁ ଗଲେ ବି ଆମକୁ ପୁରୁଣା ପ୍ରଥା ପରମ୍ପରାକୁ ସମ୍ମାନ ଦେବାକୁ ପଡିବ ଯାହା ଲୋକମାନଙ୍କ ମଙ୍ଗଳ ପାଇଁ ଗଢ଼ା ହୋଇଛି । ତେଣୁ ବର୍ତ୍ତମାନ ଯୁଗରେ ମୋବାଇଲ ବ୍ୟବହାର ବହୁଳ ପରିମାଣରେ ବଢ଼ି ଚାଲିଛି । ଏଥିରେ ବହୁତ କିଛି ଜିନିଷ ଲୋକଙ୍କ ହିତ ପାଇଁ ଉପଲବ୍ଧ ଅଛି । ତେଣୁ ଯାହା ପାଠ ଉପଯୋଗୀ ତାକୁ ଗ୍ରହଣ କରିବା ସହିତ ଅନ୍ୟବେଳେ ନିଜଠାରୁ ଦୂରରେ ଢେର ଗୁଣା ଭଲ । ମୋବଇଲ ବେଶି ବ୍ୟବହାର କଲେ ଆଖି ନଷ୍ଟ ହେବା ସହିତ ମସ୍ତିଷ୍କ ଉପରେ ପ୍ରଭାବ ପକାଏ। ମନର ସ୍ମୃତି ଶକ୍ତି ମଧ୍ୟ ହ୍ରାସ ପାଇଥାଏ। ସୋନୁ ଜେଜେଙ୍କଠାରୁ ଉପଦେଶ ଶୁଣି ସବୁବେଳେ କରି ଆସୁଥିବା ଭୁଲ ବୁଝି ପାରିଥିଲା। ଆଉ କେବେ ଏପରି ହେବନାହିଁ ବୋଲି କାନ ଧରି ମୁଣ୍ଡ ତଳକୁ କରି କହୁଥିଲା। ଜେଜେ ବାପା ଖୁସିରେ ସୋନୁକୁ କୁଣ୍ଢେଇ ପକାଇ କହିଲେ ଚାଲ ଘରକୁ ଯିବା।

+ଅଣ୍ଡିଆ , ଯାଜପୁର
ମୋ - ୯୧୭୮୩୧୩୬୪୪

# ମୋ ପିଲାଦିନ

## ସୁଧାକର ରାଉତ

କୁନି ପିଲା ମୋତେ କରିଦେ ବୋଉ ଲୋ
କହୁଛି ପରା ମୁଁ ସତ
ଚାଲୁଥିବି ଜୀବନ ପଥରେ ସଦା
ଧରି ଦୃଢ଼େ ତୋର ହାତ ।
ନିରାପଦରେ ମୁଁ ପାରୁନାହିଁ ଶୋଇ
ଖୋଜୁଛି ସଦା ତୋ କୋଳ
ଲୋଡ଼ା ନାହିଁ ମୋର ଗଦିର ବିଛଣା
ତୋ ବିନା ଲାଗେ ସେ କାଳ ।
ତୋ ଆଦର ଆଉ ମିଳେନା କେଉଁଠି
ମିଳେନି ଆଉ ସେ ସ୍ନେହ
ତୋ ହାତରେ ଅବା କି କିମିଆଁ ଅଛି
ଛୁଇଁ ଭଲ ହୁଏ ଦେହ ।
ଦୁନିଆରେ କେହି କହେନା ତୋ ଭଳି
ଏତେ ମଧୁ ବୋଳା କଥା
ଶୁଣିଲେ ଯାହାକୁ ଦୂର ହୁଏ ଦୁଃଖ
ହଟିଯାଏ ମନୁ ବ୍ୟଥା ।
ତୋ ଆଖିରେ ସଦା ନାଚୁ ଥାଏ ମୁହିଁ
ଟିକେ ହୋଇଗଲେ ଦୂର
ପାଗଳ ପରାୟେ ଖୋଜୁ ଏଣେ ତେଣେ
ଦେଖିଲେ କି ଖୁସି ତୋର।
ଭୋକ ଉପାସରେ ରହିଲେ ବୋଉଲୋ
ତୋ କଥା ପଡଇ ମନେ
ନିଜେ ନଖାଇ ତୁ କିପରି ଖୁଆଉ
ଘାରେ ସେ କଥା ତୋ ବିନେ ।
ମୋର ସୁଖ ଶିରୀ ସବୁରି ମୂଳରେ
ତୋର ଅବଦାନ ଯେତେ
ଲେଖିଲେ ତା ଖାଲି କାହାଣୀ ହୋଇବ
କହିବି ଅବା ମୁଁ କେତେ ।
ଛାଡ଼ି ଚାଲିଗଲୁ ବଡ ହେବା ପରେ
ମନରେ ଭାବିଣ କିସ
ତୋ ବିହୁନେ ବୋଉ ଏ ସାରା ସଂସାର
ଲାଗୁଛି ଯେସନେ ବିଷ ।
ଫେରିଆସି ପୁଣି ଛୋଟ ପିଲା ଭଳି
ରଖ ତୋ ପଣତ ତଳେ
ଏଇ ମାଗୁଣି ମୋ ରଖିଲେ ବୋଉ ଲୋ
ଖୁସି ହେବି କାଳେ କାଳେ ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ‘ବିଲୁଆର ଗର୍ବ’

## ସନ୍ତୋଷ କୁମାର ଅଦାବର





ଘଞ୍ଚ ଜଙ୍ଗଲ ଭିତରେ ଅନେକ ପଶୁ ପକ୍ଷୀ ତଥା ସରୀସୃପ ବାସ କରୁଥାଆନ୍ତି । ସେହି ଜଙ୍ଗଲରେ ଥାଏ ଗୋଟିଏ ଗୁମ୍ଫା। ସେ ଗୁମ୍ଫାରେ ରହୁଥାଏ ମହାବଳ ବାଘଟିଏ । ଜଙ୍ଗଲର ସବୁ ଜୀବଜନ୍ତୁ ତାକୁ ବହୁତ ଭୟ କରୁଥାଆନ୍ତି । ତା’ର ଗର୍ଜନ ଶୁଣିଲେ ସେ ଜଙ୍ଗଲର ପଶୁପକ୍ଷୀ ସବୁ ଥରି ଉଠୁଥାଆନ୍ତି ।

ସେହି ଜଙ୍ଗଲରେ ରହୁଥାଏ ଗୋଟିଏ ବିଲୁଆ । ସେ ଅନ୍ୟ ଜୀବଜନ୍ତୁଙ୍କ ଠାରୁ ପ୍ରାୟ ନିରୀହ ଭଳି । ତା’ ଠାରୁ ଟିକିଏ ଶକ୍ତିଶାଳୀ ଜୀବମାନଙ୍କୁ ସେ ଭୟ କରେ ; ମାତ୍ର ତା’ର ଗର୍ବ ବେଶି । କାରଣ ସେ ବଡ଼ ଜୀବଙ୍କୁ ଭୟ କରୁଥାଏ ସିନା, ହେଲେ ତା’ଠାରୁ ଛୋଟ ପ୍ରାଣୀଙ୍କୁ କେବେ ବି ସେ ନିଜର ହାରମାନିବା ବା ଭୟ କରୁଥିବା କଥା କହେନାହିଁ କିମ୍ବା ସ୍ୱୀକାର ବି କରୁ ନ ଥାଏ ।

ବିଲୁଆର ଏସବୁ ନିର୍ଭୀକତା ପଛରେ ଥାଏ ସେ ମହାବଳ ବାଘ । ମହାବଳ ବାଘଟା ବଳବାନ୍, ହେଲେ ତା’ର ଅଳ୍ପ ବୁଦ୍ଧି। ଏହାର ସୁଯୋଗ ନେଇ ବିଲୁଆଟି ମହାବଳବାଘର ଗୁମ୍ଫା ପାଖରେ ରହୁଥାଏ । ମହାବଳବାଘର ଛୋଟ ଛୋଟ କାମରେ ଦେଖେଇହେଲା ଭଳି ସାହାଯ୍ୟ କରି ବିଲୁଆଟି ତା’ର ନିଜର ବୋଲି ଚିହ୍ନାଇହୁଏ ଅନ୍ୟ ଜୀବଙ୍କର ଆଗରେ । ମହାବଳବାଘ ସାଥିରେ ଅନେକ ସମୟ ବିଲୁଆକୁ ଦେଖି ଅନ୍ୟ ଜୀବଜନ୍ତୁ ବିଲୁଆ ସହ କଳି କିମ୍ବା ଆକ୍ରମଣ କରନ୍ତି ନାହିଁ ।

ଏଇମିତି ଦିନ ଗଡ଼ି ଚାଲିଥାଏ । ଦିନକୁ ଦିନ ବିଲୁଆର ଗର୍ବ ବଢ଼ିଚାଲିଥାଏ । ମହାବଳବାଘର ବଳରେ ବିଲୁଆଟି ନିଜକୁ ବଳବାନ୍ ଭାବୁଥାଏ । ଦିନେ ଗୋଟିଏ ସିଂହର ଛୁଆ ସହ ତା’ର କଳି ହେଲା । ସିଂହ ଛୁଆର ମାଆ ମହାବଳବାଘର ଭୟରେ ବିଲୁଆକୁ କିଛି କହୁ ନ ଥାଏ, କିନ୍ତୁ ତାକୁ ମନେ ମନେ ରାଗୁଥାଏ ।

ସବୁଦିନ ତ ସମାନ ଯାଉ ନ ଥାଏ । ଦିନେ ମହାବଳବାଘର ତା’ର ଗୋଟିଏ ଶିକାରକୁ ପଛରୁ ଗୋଡ଼ାଇ ଗୋଡ଼ାଇ ଗୋଟିଏ ଗଭୀର ଗାତରେ ପଡ଼ିଗଲା । ଗାତ ଉପରକୁ ଆସି ନ ପାରି ସେଠାରେ ସେ ମରିଗଲା । ବିଲୁଆଟି ଏକା ହୋଇଗଲା । ମହାବଳବାଘର ବଳରେ ସେ ବଳୀୟାନ ଥିଲା । କିନ୍ତୁ ଏବେ ତ ମହାବଳବାଘ ଆଉ ଏଦୁନିଆରେ ନ ଥିଲା । ତେଣୁ ବିଲୁଆଟି ନିଜକୁ ଆଉ ସୁରକ୍ଷିତ ମଣିଲା ନାହିଁ । ବହୁତ ଭୟରେ ରହୁଥାଏ। ପୂର୍ବରୁ ଶତ୍ରୁତା କରିଥିବା ଜୀବମାନେ ଜାଣିପାରିଲେ ଯେ ମହାବଳବାଘ ଆଉ ନାହିଁ । ତେଣୁ ସେମାନେ ସମସ୍ତେ ମିଶିକି ବିଲୁଆକୁ ଖୋଜିଲେ । ଦିନେ ଏକ ନିଛାଟିଆ ସ୍ଥାନରେ ବିଲୁଆକୁ ଦେଖି ସେମାନେ ତାକୁ ଆକ୍ରମଣ କଲେ । ବିଚରା ବିଲୁଆ ବଞ୍ଚିବା ପାଇଁ ସେମାନଙ୍କୁ ବହୁତ ନେହୁରା ହେଲା । ଗଛ ଉପରେ ଥାଇ ମାଙ୍କଡ଼ଟି ହସି ହସି କହିଲା- ’ସବୁବେଳେ ନିଜ ବଳ ଉପରେ ଭରସା ରଖି ବଞ୍ଚିବା ଠିକ୍ । ଅନ୍ୟର ବଳରେ ନିଜକୁ ବଳବାନ୍ ଭାବିକି ଗର୍ବ କଲେ ଶେଷରେ ଏଇ ପରିଣତି ହୁଏ ।’ ମାଙ୍କଡ଼ର କଥା ଶୁଣିବା ଆଗରୁ ସେଠାକାର ଜୀବମାନେ ବିଲୁଆର ଅବସ୍ଥା ସାଂଘାତିକ କରିଦେଇ ସାରିଥା’ନ୍ତି ।

ବୀରମହାରାଜପୁର, ସୁବର୍ଣ୍ଣପୁର

# ଆମ ସୁନି ସୁନା

## ଶୁଭନାରାୟଣ ଶତପଥୀ





ସାନୁ ଓ ସୁନି ଜାଆଁଳା ଭାଇ ଭାଉଣୀ । ଗୋଟିଏ ଶ୍ରେଣୀରେ ପଢନ୍ତି । ସେମାନେ ସାଙ୍ଗ ହୋଇ ସ୍କୁଲକୁ ଯାଆନ୍ତି । ସାନୁ ଭାରି ପରିଷ୍କାର ପରିଚ୍ଛନ କିନ୍ତୁ ସୁନି ତାର ଓଲଟା । ଏଇ କିଛି ଦିନ ହେବ ସୁନି ମୁଣ୍ଡ ଭାରି କୁଣ୍ଡାଇ ହେଉଛି । ଯେଉଁଠି ବସିଲେ, ଠିଆ ହେଲେ ମୁଣ୍ଡ କୁଣ୍ଡେଇ ହେଉଛି । ମୁଣ୍ଡର ଚୁଟି ଅଡୁଆ ହୋଇଯାଉଛି । ପାଠରେ ମନ ଲାଗୁନି । ଏକାଗ୍ରତା ରହୁନି । ଏଣୁ ଯାହା କହିଲେ ଖାଲି ଚିଡଚିଡ ହେଉଛି । ଶ୍ରେଣୀରେ ବସିଲାବେଳେ ବି ସେହି ଆବସ୍ଥା । ଏବେ ତାକୁ ପିଲାନେ ଚିଡାଇବା ଆରମ୍ଭ କଲେଣି । ପିଲାମାନେ ସୁନିକୁ କୁହନ୍ତି

ଉକୁଣି ମୁଣ୍ଡି, ମୁଣ୍ଡ ରାମ୍ପନ୍ତି,
ପାଠେ ମନନାହିଁ, କଳି କରନ୍ତି ।

ପିଲାଙ୍କ କଥା ଶୁଣି ସୁନି ଆହୁରି ରାଗିଯାଏ । କିନ୍ତୁ କିଛି ଫଳ ମିଳେନା । ବରଂ ଦିନକୁ ଦିନ ତାର ଏ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଥାଏ । ଏହା ଦେଖି ସାନୁ କହିଲା ଆରେ ସୁନି ସ୍କୁଲକୁ ତ ସବୁବେଳେ ଡାକ୍ତର ଆସୁଛନ୍ତି, ତାଙ୍କୁ ତୁ ପଚାରନ୍ତୁନି । ସୁନି କହିଲା ହଉ ଭାଇ ନିଶ୍ଚୟ ପଚାରିବି ।

ତହିଁ ଆରଦିନ ଡାକ୍ତରୀଦଳ ସ୍କୁଲକୁ ଆସିଲେ । ସୁନି ନେଜେ ଯାଇ ତାଙ୍କୁ ଦେଖା ହେଲା । ସବୁ କଥା କହିଲା । ଡାକ୍ତର କହିଲେ ପରିଷ୍କାର ପରିଚ୍ଛନତା ହେଉଛି ଉକୁଣିଠାରୁ ରକ୍ଷା ପାଇବାର ପ୍ରକୃଷ୍ଟ ଉପାୟ । ଉକୁଣି ଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ସହିତ ସେମାନଙ୍କ ବ୍ୟବହୃତ ପାନିଆ, ତକିଆ, ଟୋପି ଇତ୍ୟାଦି ବ୍ୟବହାର କରିବ ନାହିଁ । ସବୁବେଳେ ଉକୁଣିଥିବା ବ୍ୟକ୍ତିର ମୁଣ୍ଡ ସହିତ ନିଜ ମୁଣ୍ଡର ପ୍ରତ୍ୟେକ୍ଷ ବା ପରୋକ୍ଷ ସଂପର୍କ ଯେପରି ନ ରହିବ ତାହା ଦେଖିବ । ଡାକ୍ତରଙ୍କ କଥା ଅନୁସାରେ ସୁନି ସବୁ କାମ କଲା । ମୁଣ୍ଡକୁ ପରିଷ୍କାର ପରିଚ୍ଛନ କଲା । ସଫା ପାନିଆରେ ମୁଣ୍ଡ କୁଣ୍ଡାଇଲା । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁ ପରିଷ୍କାର ରଖିଲା । ଧିରେଧିରେ ଉକୁଣି ତା ମୁଣ୍ଡରୁ ଦୂରେଇଗଲେ । ଉକୁଣି ମୁଣ୍ଡରେ ଥିଲାବେଳେ ସୁନି ଯେପରି ଅସ୍ତବ୍ୟସ୍ତ ହୋଇଯାଉଥିଲା, ଆଉ ସେପରି ଲାଗିଲା ନାହିଁ । ମୁଣ୍ଡ ଆଉ କୁଣ୍ଡାଇ ହେଲା ନାହିଁ । ଏଥର ବସି ପାଠପଢି ପାରିଲା । ତାର ସବୁ ମନେ ରହିଲା । ଚିଡଚିଡାପଣ ବି କମିଗଲା । ସ୍କୁଲର ପିଲାମାନେ ଆଉ ତାକୁ ଚିଡାଇଲେ ନାହିଁ । ସୁନି କହୁଥିଲା

ସଫାସୁତର, ରହିବ ଯିଏ
ଉକୁଣି ତାଠାରୁ ଦୂରେଇଯାଏ ।

ସାନୁ ନିଜ ପ୍ରଶଂସା କରି କହୁଥିଲା ଦେଖିଲୁ ତ ମୋ କଥା ମାନି ପରିଷ୍କାର ରହିବାରୁ ତୋ ମୁଣ୍ଡରୁ ଉକୁଣି ଚାଲିଗଲେ କେମିତି । ସୁନି କହୁଥିଲା ମୁଁ କଣ ଏସବୁ ଜାଣି ନଥିଲି କି ? ଖାଲି ପାଳନ କରୁନଥିଲି ବୋଲି ସିନା । ଗୁରୁଜୀ ଗୁରୁମା କହିଲେ ଆମ ସୁନି ସୁନା ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

# ବଜାରେ ବଜାରେ ବାଇଦ ବଜା....

## ରାମଚନ୍ଦ୍ର ବେହେରା

ବଜାରେ ବଜାରେ ବାଇଦ ବଜା
ତ୍ରିରଂଗା ପତାକା ହେଲାଣି ସଜା
ଜାନୁଆରୀ ମାସ ଛବିଶି ଆଜି
ଆସ ଯିବେ ସର୍ବେ ଆନନ୍ଦେ ମଜି
ପୂଜ୍ୟ ଭୀମରାଓ ଆମ୍ବେଦକର
ସମ୍ବିଧାନ ଲେଖି ହେଲେ ଅମର
ଆମ ପାଇଁ ଏହି ଦିନ ମହାନ
ଗଢିଥିଲୁ ଆମେ ନୀତି ନିୟମ
ସାର୍ବଭୌମତାର ନେତ ଉଡାଇ
ସମଗ୍ର ବିଶ୍ୱକୁ ଦେଲୁ ଦେଖାଇ
ଧର୍ମ ନିରିପେକ୍ଷ ଦେଶ ଆମରି
କରିଥାଏ ସଦା ହିତ ସବୁରି
ସମ୍ବିଧାନ କୁହେ ନୀତି ନିୟମ
ତାହାକୁ କରନ୍ତି ସର୍ବେ ପାଳନ
ଆସ ରାଗ ରୋଷ ମନୁ ଦୂରେଇ
କାମ କରିଯିବା ହାତ ମିଳେଇ
ସ୍ୱରାଜ ଦିବସ ଶୁଭ ଲଗନେ
ଲାଗିଯିବା ଆସ ଦେଶ ଗଠନେ
ସଭିଂକୁ ବାଣ୍ଟିବା ଏହି ସନ୍ଦେଶ
ଦେଶ ବିକାଶରେ ଆମ ବିକାଶ
ବଜାୟ ରଖିବା ଦେଶ ସଂହତି
ବିଶ୍ୱରେ ରଖିବେ ଯଶ କୀରତି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଲାଗିବା ପ୍ରକୃତି ସେବାରେ

## କୀର୍ତ୍ତନ ସାହୁ

ଶୀତ ଋତୁ ଏବେ ଚାଲି ଯାଇ ଅଛି
ଏ କଥା ତ ଜଣା ପଡୁଛି
ବସନ୍ତ ପ୍ରଭାବ ବିସ୍ତାରିବା ପାଇଁ
ଖରା ସଙ୍ଗେ ଦେଖ ଲଢୁଛି ।

ଆମ୍ବ ଗଛ ଅଛି ବଉଳ ହେଇଛି
କୁହୁ ତାନ କାହିଁ ଶୁଭୁନି
ମନ ମତାଣିଆ ଫଗୁଣ ମଳୟ
ଦେହରେ ତ କାହିଁ ଲାଗୁନି ।

ମଧ୍ୟାହ୍ନରେ ଖରା ଟାଣ ହେଉଛି
ରହି ହେଉ ନାହିଁ ବାହାରେ
ମେଳା ମଉଛବ ପରବ ପର୍ବାଣୀ
ହେଉନାହିଁ କାହିଁ ଗାଆଁରେ ।

ବଗିଚାରେ ଏତେ ଫୁଲ ଫୁଟୁ ନାହିଁ
ଅଳପ ଅଳପ ହେଉଛି
ଟିକିଏ ଖରାରେ ବସି ପଡିଲେରେ
ମୁଣ୍ଡ ଝାଇଁ ମାରି ଦେଉଛି ।

ଗ୍ରୀଷ୍ମ ବର୍ଷା ଶୀତ ତିନୋଟି ଋତୁର
ପ୍ରଭାବ ଖାଲି ଯା ପଡୁଛି
ଶରତ ହେମନ୍ତ ବସନ୍ତ ଋତୁର
ଗୁଣ ଦିନୁ ଦିନ ଛିଡୁଛି ।

ପରିବେଶ ଧୀରେ ବଦଳି ଯାଉଛି
ସେଥିପ୍ରତି ଦୃଷ୍ଟି ଦେବାରେ
ଗଛ ଲଗାଇବା ସଜାଗ ହୋଇବା
ଲାଗିବା ପ୍ରକୃତି ସେବାରେ ।

+ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଆମ ବି ପାରିବା କରି

## ନୀଳମଣି ଚାନ୍ଦ

ଦେଖିଥିବ ତୁମେ ଟିକି ପିମ୍ପୁଡ଼ିକୁ
କେମିତି ଧାଡ଼ିରେ ଚାଲେ
ଧାଡ଼ି ସେ ଭାଙ୍ଗେନି ହୋଇଥାଉ ଉଚ
ଅବା ପଡ଼ିଯାଉ ଖାଲେ ।
ଆଉ ଭେଟିଥିବ ମହୁମାଛିକୁରେ
କେତେ ପରିଶ୍ରମ କରି
ଫୁଲରସ ନେଇ ଫେଣା ଗଢ଼ିଦିଏ
କେତେ କଉଶଳ ଭରି।
କେଉଁ ପଢ଼ିଆରେ ଅଛି ଉଇହୁଙ୍କା
ଉଇ ତାକୁ ଗଢ଼ିଦେଲା
ଏମିତି ଗଢ଼ିବା କଳାକଉଶଳ
କେଉଁଠୁଁ ସେ ଶିଖିନେଲା ।
ସିଏ ଦେଖିବାକୁ ସତେ କେଡ଼େ ସାନ
ହେଲେ ବଡ଼ ତାଙ୍କ କାମ
ସେଥିପାଇଁ ଉଦାହରଣ ରହେରେ
ସେଇ କୀଟଙ୍କର ନାମ ।
ଯେତେ କୁନାକୁନି କୁହ ତୁନିତୁନି
ଆମେ ବୁଦ୍ଧିମାନ ଭାରି
ଜୀବନେ ଆମର ବଡ଼ କାମ କିଛି
ପାରିବା ସିନାରେ କରି ।
ଜଗତ ଜାଣିବ ପ୍ରଶଂସା କରିବ
ଆମରି କାମକୁ ଦେଖି
ବାଜିଆ ଧରମା ପରି ଇତିହାସ
ଦେବ ଆମ ନାମ ଲେଖି ।
ଟିକି ଟିକି ଯିଏ ବଡ଼ ପରା ସିଏ
ଏକଥାକୁ ଭାବିନେବା
ଜୀବନ ଆମର ସାର୍ଥକ ହୋଇବ
ଆମେ କାଳଜୟୀ ହେବା ।

+ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ନିଜକୁ ମଣୁଚି ସାନ

## ପ୍ରଶାନ୍ତ କୁମାର ଦାଶ

ତା ଶାଗୁଆ ଶାଢି ପଣତ ଉହାଡେ
ବଞ୍ଚିଛି ଜୀବନ ଧରି
ମଲ୍ଲୀ ମାଳତୀର ବାସନା ମୋ ଦେହେ
ବିଧାତା ଦେଇନି ଭରି ।

ସରଗପୁରୀର ପାରିଜାତ ନୁହେଁ
ମୁଁ ଯେ ଛୋଟ ଘାସଫୁଲ
ପଦଭାର ସହି ଅତି ଦୁଃଖେ ରହି
ତଥାପି ବଢାଏ ମୂଳ ।

ସହି ଟାଣଖରା ଖୋଜୁଥାଏ ମୁହିଁ
ଜହ୍ନର ଜୋଛନା ନିତି
ପଥିକର ଦୁଃଖ ହରିବାରେ ମୋର
ସମୟତ ଯାଏ ବିତି ।

ରାତି ଶିଶିରରେ ଶରୀରକୁ ଧୋଇ
ସକାଳେ ଝଲସି ଉଠେ
ମାଗେ ଠାକୁରଙ୍କୁ ଜିଇଁ ରହିବାକୁ
କପାଳେ ଆୟୁଷ ମୁଠେ ।

ପଥିକର ପାଦଧୂଳି ବୋଳିହେଇ
ମରମର ଦୁଃଖ ଭୁଲେ
ଥିରି ପବନର ଉଦାସ ପରଶେ
ଖିଳି ଖିଳି ହଲି ଝୁଲେ ।

ମାଟିମାଆ କୋଳେ ଜନମ ନେଇମୁଁ
ନିଜକୁ ମଣୁଛି ସାନ
ହେବ ଏ ଜନମେ ଜୀବନ ସଫଳ
ଯଦି ଦେଇପାରେ ଦାନ ।

+କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦



## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୦/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର୍ଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲ୍ଦାର, ଅତିରିକ୍ତ ତହସିଲ୍ଦାର, ଜିଲ୍ଲାରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ରାଜସ୍ୱ ଆଦାୟ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଘରଜିହ ପ୍ରଦାନ, ପଟ୍ଟା ସଂଶୋଧନ, ଦାଖଲ ଖାରଜ ମାମଲା ଫଏସଲା, ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଜମି ଚିହ୍ନଟ କରଣ ଓ ମାପ, ଉଚ୍ଛେଦ କରିବା, ବାଲି, ମାଟି ଚୋରା ଚାଲାଣ ବନ୍ଦ କରିବା ସହିତ ଗାଡି ଜବତ କରି ଜୋରିମାନା ଆଦାୟ କରିବା, ବେଆଇନ୍ ଇଟାଭାଟି ଉପରେ ଚଢାଉ କରିବା ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଆଇ.ଆର୍ ମାର୍ଚ୍ଚ ମାସ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଯୁବ ଉଦୟନ ପକ୍ଷରୁ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୨୦/୨ (ନି.ପ୍ର): ସମ୍ବଲପୁରର ବିଶିଷ୍ଟ ବିଶେଷଜ୍ଞ, ସମାଜସେବୀ ତଥା ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ଝାଡୁଆପଡାର ଯୁବଉଦୟନ ଅନୁଷ୍ଠାନ ପକ୍ଷରୁ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲାଏଥିରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥସାରଥୀ ମିଶ୍ର, ଜଗଦୀଶ ମିଶ୍ର, ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସଦସ୍ୟଗଣ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ଝାଡୁଆପଡାର ଆରଣ୍ୟକ କଲ୍ୟାଣ ମଣ୍ଡପ ନବୀକରଣ ଓ ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ ଏପରିକି ବିବିଧ ପର୍ବ, ସମାରୋହ ଉତ୍ସବାଦିର ଆୟୋଜନରେ ତାଙ୍କର ଅତୁଳନୀୟ ଅବଦାନ ରହିଥିବା ବିଷୟରେ ବୋଲି ସଭାରେ ସଭ୍ୟମାନେ ଆଲୋଚନା କରି ଡ଼ା. ପାଣିଗ୍ରାହୀ ରାଜନୀତିକୁ ଆସିବା ପରେ ମଧ୍ୟ ଯୁବଉଦୟନ ପାଇଁ ପୂର୍ବବତ ସମଭାବ ପୋଷଣ କରୁଥିଲେ ବୋଲି କହିଥିଲେ।

## ଦେଶି ମଦ ଚାଲାଣ ବେଳେ ଚଢଉ: ୨ ଗିରଫ

ଜୟପୁର, ୨୦/୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବୈପାରିଗୁଡା ଅଂଚଳର ଗୋବିନ୍ଦ ଗୌଡ ଓ ଗୋବର୍ଦ୍ଧନ ବିଷୋୟୀ । ସୂଚନା ଅନୁଯାୟୀ, ବୈପାରିଗୁଡା ଅଂଚଳରୁ ୨ଟି ସ୍କୁଟିରେ ଜୟପୁରକୁ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଠାରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ୨ଟି ସ୍କୁଟି ଓ ୩୩ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଆଜି ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ପୌର ଅଧ୍ୟକ୍ଷ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ : ପୂର୍ବତନ ପୌର ଉପାଧ୍ୟକ୍ଷ

ଜୟପୁର, ୨୦/୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଜନୀତି ସରଗରମ ହୋଇଯାଇଛି । ଏହିପରି ଆଜି ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ରଥ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜଣେ ଲୋକପ୍ରତିନିଧ ଏବଂ ଦାୟୀତ୍ୱ ସମ୍ପନ୍ନ ପଦବୀରେ ରହିଥିଲେ ସୁଦ୍ଧା ନିଜ ବ୍ୟକ୍ତିଗତ ବ୍ୟବସାୟୀକ ସାମ୍ରାଜ୍ୟକୁ ବଂଚାଇ ରଖିବା ପାଇଁ ହାଇକୋର୍ଟ ଭଳି ଏକ ପବିତ୍ର ସଂସ୍ଥାକୁ ବିଭ୍ରାନ୍ତ କରିବା ସହିତ ମିଥ୍ୟା ସତ୍ୟପାଠ ମାଧ୍ୟମରେ ରୁଟ ପରମିଟ ହାସଲ କରିବା ଏକ କଳଙ୍କିତ ଇତିହାସ ସୃଷ୍ଟି କରିବା ସହିତ ଜୟପୁର ସହର ପାଇଁ ଏହା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିବା ସହିତ ତୁରନ୍ତ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି । ଏହିପରି ନିଜ ମାଲିକାନାରେ ରହିଥିବା ଘରୋଇ ବସର ଅସ୍ଥାୟୀ ରୁଟ ପରମିଟ ସ୍ଥାୟୀ କରିବା ନେଇ ନିର୍ଦ୍ଧାରିତ ସମୟରେ ଆବେଦନ କରିନଥିବା ଯୋଗୁଁ ଉକ୍ତ ଅସ୍ଥାୟୀ ପରମିଟ ଖାରଜ ହୋଇଯାଇଥିଲା । କିନ୍ତୁ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ମାଧ୍ୟମରେ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଅପ୍ରେଲ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଦୀର୍ଘ ୧୦୬ ଦିନ ଚିକିତ୍ସିତ ହେଉଥିବା ନେଇ ଲିଖିତ ଭାବେ ଜଣାଇଥିଲେ । ଯଦି ସେ ସେଠାରେ ଚିକିତ୍ସା ହେଉଥିଲେ ଉକ୍ତ ଦୀର୍ଘ ୩ ମାସ ପର୍ଯ୍ୟନ୍ତ ଜୟପୁର ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ପୌରସଂସ୍ଥା ଓ ସରକାରୀ କାର୍ଯ୍ୟକ୍ରମରେ କିଭଳି ଉପସ୍ଥିତ ରହି ସଭା ଏବଂ ଅନ୍ୟାନ୍ୟ କାର ?ଯ୍ୟ କରିଥିଲେ । ଏହିପରି ଏହା ବାବଦକୁ ଗସ୍ତଖର୍ଚ୍ଚ ବାବଦକୁ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ୪ ଚକିଆ ଯାନରେ ପେଟ୍ରୋଲ କିମ୍ବା ଡିଜେଲ ବାବଦକୁ ଟଙ୍କା କିଭଳି ପୈଠ କରାଯାଇଛି ବୋଲି ପ୍ରଶ୍ନ କରିବା ସହିତ ଏହା ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି । ଏହି ଅଭିଯୋଗ ନେଇ ପୂର୍ବରୁ ଜଗତଜନନୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା । କିନ୍ତୁ, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟୀତ୍ୱରେ ଜଣେ ଯୁବ ମହିଳା ଭାରତୀୟ ପ୍ରଶାସନିକ ଅଧିକାରୀ ରହିଥିବା ବେଳେ ଏହାର ତଦନ୍ତ ନ କରିବା ଏବଂ ଚୁପ ରହିବାର କାରଣ କ'ଣ ବୋଲି ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ରଥ ପ୍ରଶ୍ନ କରିଛନ୍ତି । ଏହିପରି ଜଗନ୍ନାଥ ସାଗର ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ଦେଖାଇ ଅଧିକାଂଶ ଟଙ୍କା ନିର୍ମାଣକାରୀ ସଂସ୍ଥା ପୌରସଂସ୍ଥା ପକ୍ଷରୁ ଆତ୍ମସାତ କରାଯାଇଛି । ବର୍ତ୍ତମାନ ଜଗନ୍ନାଥ ସାଗରର ଉନ୍ନତିମୂଳକ କାର୍ଯ୍ୟ ସମ୍ପନ୍ନ କରିବା ପୌରସଂସ୍ଥାର ଉଦ୍ଦେଶ୍ୟ ନାହିଁ । ଏହାର ପୁନଃଉଦ୍ଧାର ନାମରେ ବିଭିନ୍ନ ସଂସ୍ଥାର ପାଣ୍ଠି ଓ ରାଜ୍ୟ ସରକାରଙ୍କ ପାଣ୍ଠି ଲୁଟ୍ କରିବାର ଜଗନ୍ନାଥ ସାଗର ମୁଖ୍ୟ ଉତ୍ସ ପାଲଟିଛି । ଏହି ଦୁର୍ନିତୀରେ ସିଧାସଳଖ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ସଂଶ୍ଳିଷ୍ଟ ରହିଥିବା ବେଳେ ଜୟପୁର ବିଧାୟକ ମଧ୍ୟ ଏଥିର ସଂଶ୍ଳିଷ୍ଟ ରହିଛନ୍ତି । ନଚେତ ସାଧାରଣ ସଭା ବୈଠକରେ ପୌରଅଧ୍ୟକ୍ଷ ଶ୍ରୀ ମହାନ୍ତି କୌଣସି ଦୁର୍ନିତୀ କରିଲେ ତାଙ୍କୁ ତୁରନ୍ତ ପଦବୀରୁ ହଟାଇବାକୁ ଦାବି କରିବେ ବୋଲି ଭାଷଣାବାଜି କହୁଥିବା ବିଧାୟକ ବର୍ତ୍ତମାନ ଜଗନ୍ନାଥ ସାଗର ଏବଂ ପୌରସଂସ୍ଥାର ଦୁର୍ନିତୀ ବିରୋଧରେ କୌଣସି ମନ୍ତବ୍ୟ ନ ଦେବା ସ୍ପଷ୍ଟ କରୁଛି ବୋଲି ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ରଥ ଅଭିଯୋଗ କରିଛନ୍ତି । ଏହିପରି ବିଜେଡି ଦଳ ପକ୍ଷରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ୍ନ ବିଭାଗିୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଏହାର ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବ । ଅନ୍ୟଥା ଆଗାମୀ ଦିନରେ ଜୟପୁରରେ ବିଜେଡି ଦଳ ପକ୍ଷରୁ ଏକ ଜୋରଦାର ଆନ୍ଦୋଳନ କରିବା ସହିତ ପୌର ଅଧ୍ୟକ୍ଷଙ୍କୁ ନିଜ ପଦବୀରୁ ଇସ୍ତଫା ଦେବାକୁ ବାଧ କରାଯିବ । ଅନ୍ୟଥା ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିଥିବା ସହର ବାସିନ୍ଦାଙ୍କୁ ସାଧାରଣରେ କ୍ଷମା ପ୍ରାର୍ଥନା କରିବା ସହିତ ନିଜ ଦୋଷକୁ ସ୍ୱୀକାର କରୁନ୍ତ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁର ନଗର ବିଜେଡି ସଭାପତି ଏ. ଶ୍ରୀନିବାସ ରାଓ ଉପସ୍ଥିତ ରହିଥିଲେ । ଏଥିନେଇ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ମତାମତ ନେଇ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏହି ଅଭିଯୋଗର ସମସ୍ତ ଉତର ଦେବା ସହିତ ଖୁଲାସା କରିବି ବୋଲି କହିଛନ୍ତି ।

# କଳିଙ୍ଗ ସମର୍ପଣ ଫାଉଣ୍ଡେସନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ

କେନ୍ଦୁଝର, ୨୦/୨ (ନି.ପ୍ର): ସମାଜସେବୀ ସଂସ୍ଥା କଳିଙ୍ଗ ସମର୍ପଣ ଫାଉଣ୍ଡେସନ ପକ୍ଷରୁ କେନ୍ଦୁଝର ଜିଲ୍ଲାର ଯୋଡା ପୌରପାଳିକା ଅନ୍ତର୍ଗତ ଶାସ୍ତ୍ରୀନଗରର ସ୍ଥିତ ତଳକ ହଟିଙ୍ଗ ଠାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଡା ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଦାନିଶ ବେହେରା, ଯୋଡା ଭାରତୀୟ ଜନତା ପାର୍ଟିର ସଭାପତି ପାର୍ଥସାରଥୀ ଷଡଙ୍ଗୀ, ସାଂସଦ ପ୍ରତିନିଧି ଶ୍ରୀ ବିଚିତ୍ରାନନ୍ଦ ଦାସ ଓ ଯୋଡା ବ୍ଲକ ସାଂସଦ ପ୍ରତିନିଧି ଅଗୁନୁ ଚରଣ ମହାନ୍ତ ଉପସ୍ଥିତ ଥିଲେ। ତାଙ୍କ ସହିତ ସମାଜସେବୀ ରଜନୀ ରାଓ ଓ କଳିଙ୍ଗ ସମର୍ପଣ ଫାଉଣ୍ଡେସନର ମହିଳା ସଶକ୍ତିକରଣ ସଂଯୋଜିକା ପ୍ରମିଳା ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୁବ ନେତା ଶ୍ରୀ ତାରିଣୀ ପ୍ରଧାନ ଓ କଳିଙ୍ଗ ସମର୍ପଣ ଫାଉଣ୍ଡେସନର ନିର୍ଦ୍ଦେଶକ ଶ୍ରୀ ଆନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଶିବିରଟି ସୁଚାରୁ ଭାବରେ ପରିଚାଳିତ ହୋଇଥିଲା । ଶିବିରରେ ରକ୍ତଚାପ ଓ ସୁଗାର ପରୀକ୍ଷା ସହ ସାଧାରଣ ରୋଗ ନିର୍ଣ୍ଣୟ କରାଯାଇ ରୋଗୀମାନଙ୍କୁ ନିଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା। ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଏହି ଶିବିରରୁ ଲାଭାନ୍ୱିତ ହୋଇଥିବା ଜଣାପଡ଼ିଛି। ଅତିଥିମାନେ ତାଙ୍କ ଉଦ୍ବୋଧନରେ କହିଥିଲେ ଯେ, ଏପରି ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଗ୍ରାମାଂଚଳ ଓ ସହରାଂଚଳର ଲୋକଙ୍କ ପାଇଁ ଅତ୍ୟନ୍ତ ଉପକାରୀ ଓ ପ୍ରଶଂସନୀୟ ପଦକ୍ଷେପ। ଶେଷରେ ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏପରି ଜନହିତକାରୀ କାର୍ଯ୍ୟକ୍ରମ ଅବ୍ୟାହତ ରଖିବାକୁ ସୂଚନା ଦିଆଯାଇଥିଲା ।

# ନିରନ୍ତର 'ବିକାଶ ଲକ୍ଷ୍ୟ ୨୦୩୦ ଉପରେ ତାଲିମ୍ ଶିବିର ଆୟୋଜିତ

ନୂଆପଡା, ୨୦/୨ (ନି.ପ୍ର): ନୂଆପଡାରେ " ନିରନ୍ତର ବିକାଶ ଲକ୍ଷ୍ୟ – ୨୦୩୦" ଉପରେ ଏକ ଜିଲ୍ଲା ସ୍ତରୀୟ ତାଲିମ ଶିବିର ତଥା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭା ଗୃହରେ ଆଜି ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲୀ ମାଝୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ସେଠୀ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଦିଲେଶ୍ୱର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସି ଡି ଓ ଶ୍ରୀ ଧରୁଆ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକ କ'ଣ ଓ ସେଗୁଡ଼ିକୁ କିପରି ହାସଲ କରାଯାଇପାରିବ ତା' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ, ଝାରସୁଗୁଡ଼ା ଡି ପି ଏମ୍ ୟୁ ଆସିଷ୍ଟାଂଟ ଡାଇରେକ୍ଟ ସଞ୍ଜୟ କୁମାର ଦୀପ, କଳାହାଣ୍ଡି ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ଦଳାଇ, କୁମୁଦିନୀ ମିଶ୍ର ନିରନ୍ତର ବିକାଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଅତିଥି ଓ ବକ୍ତାମାନେ କହିଥିଲେ ଯେ, ୨୦୧୫ ମସିହାରେ ଜାତିସଂଘ ପକ୍ଷରୁ ଘୋଷିତ ୧୭ଟି ସ୍ଥାୟୀ ଉନ୍ନୟନ ଲକ୍ଷ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ଦାରିଦ୍ର୍ୟ ନିବାରଣ, ଗୁଣାତ୍ମକ ଶିକ୍ଷା, ଲିଙ୍ଗ ସମାନତା, ସ୍ୱଚ୍ଛ ପାଣି, ସ୍ୱାସ୍ଥ୍ୟ ସୁବିଧା, ପରିବେଶ ସୁରକ୍ଷା ଓ ସମାବେଶୀ ଆର୍ଥିକ ଉନ୍ନତି ସୁନିଶ୍ଚିତ କରିବା। ଭାରତ ୨୦୩୦ ସୁଦ୍ଧା ଏହି ସମସ୍ତ ଲକ୍ଷ୍ୟ ସାଧନ ପାଇଁ ଆମେ ପ୍ରତିବଦ୍ଧ। ସ୍ୱଚ୍ଛ ଭାରତ ଅଭିଯାନ, ଜଳ ଜୀବନ ମିଶନ, ଡିଜିଟାଲ ଭାରତ, ନବୀକରଣ ଉର୍ଜା ବିକାଶ ଓ ମହିଳା ସଶକ୍ତିକରଣ ଭଳି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଦେଶ ଦ୍ରୁତ ଗତିରେ ଆଗୁଆ ହେଉଛି ବୋଲି କହିଥିଲେ। ନିରନ୍ତର ଉନ୍ନୟନ କେବଳ ସରକାରୀ ପଦକ୍ଷେପରେ ସୀମିତ ନୁହେଁ; ପ୍ରତ୍ୟେକ ନାଗରିକଙ୍କ ସଚେତନ ଭୂମିକା ଏହାର ମୂଳ ଆଧାର। ପାଣି ଓ ବିଦ୍ୟୁତ ସଂଚୟ, ପ୍ଲାଷ୍ଟିକ ବ୍ୟବହାର କମାଇବା, ପରିବେଶ ସୁରକ୍ଷା ଓ ଶିକ୍ଷାର ପ୍ରଚାର ମାଧ୍ୟମରେ ଆମେ ସମସ୍ତେ ଲକ୍ଷ୍ୟ ପ୍ରାପ୍ତିରେ ସହଭାଗୀ ହୋଇପାରିବା। ଶେଷରେ ସମସ୍ତଙ୍କୁ ଏକ ସମୃଦ୍ଧ ଭାରତ ଗଠନ ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଥିଲା।

# ରୁପାକୁଣ୍ଡ ସମ୍ମୁଖ ପୋଲ ନିର୍ମାଣ କଲା କିଏ ?

ଚମ୍ପୁଆ, ୨୦/୨ (ନି.ପ୍ର): ନିମ୍ନମାନ ଉନ୍ନୟନ କାର୍ଯ୍ୟର ନଗ୍ନ ଉଦାହରଣ ପାଲଟିଛି ଚମ୍ପୁଆ। ଗୋଟିଏ ପରେ ଗୋଟିଏ ପଦାରେ ପଡୁଛି ସ୍ଥାନୀୟ ପ୍ରଶାସନର କଳା କାରନାମା। ଗ୍ରାମାଂଚଳର ବିକାଶ ପାଇଁ ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚମ୍ପୁଆ ଅଂଚଳର ବିଭିନ୍ନ ଉର୍ନ୍ନତି ମୂଳକ କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳୁଛି। କେଉଁଠି ବିନା ସୂଚନା ଫଳକରେ ଠିକାଦାର ନିମ୍ନମାନର କାମ କରି ଅନୁଦାନ ଟଙ୍କା ହଡପ କରୁଛନ୍ତି ତ ଆଉ କେଉଁଠି ଅଧିକାରୀ ଓ ଠିକାଦାର ସଲାସୁତରାରେ ଅନୁଦାନ ଟଙ୍କା ବାଟ ମାରଣା ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜୁଛନ୍ତି। ଫଳରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ରରୁଆଁଗୋଡ଼ା ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ରୁପାକୁଣ୍ଡ ମନ୍ଦିର ସମ୍ମୁଖ ଗ୍ରାମ୍ୟ ରାସ୍ତାରେ। ରୁପାକୁଣ୍ଡ ମନ୍ଦିର ସମ୍ମୁଖ ମୋରହମ ରାସ୍ତା ଉପରେ ଏକ କଂକ୍ରିଟ ପୋଲ ନିର୍ମାଣ କରାଯାଇଛି। କିନ୍ତୁ, ଏହା କିଏ କରିଛି, କେଉଁ ବିଭାଗର, କେତେ ଟଙ୍କା ଅନୁଦାନରେ ହୋଇଛି ସେ ସମ୍ପର୍କିତ କୌଣସି ସୂଚନା ଫଳକ ମରାଯାଇ ନାହିଁ। ଫଳରେ କାର୍ଯ୍ୟ ସମ୍ପର୍କିତ କୌଣସି ତଥ୍ୟ ଜଣା ପଡୁନାହିଁ।କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ମାରିବାର ନିୟମ ରହିଥିବାବେଳେ ଏଠାରେ ତାହା ଖୋଲାଖୋଲି ଉଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ସୂଚନା ଫଳକ ନଲେଖି ନିମ୍ନମାନର କାମ କରି ବିଧିବଦ୍ଧ ଭାବେ ଅନୁଦାନ ଅର୍ଥକୁ ହଡପ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି। ତେବେ ବିନା ସୂଚନା ଫଳକରେ ନିର୍ମାଣ କରାଯାଇଥିବା ଏହି ପୋଲର କାର୍ଯ୍ୟ ଏତେ ନିମ୍ନ ମାନର ହୋଇଛି ଯେ ତାହା କେତେ ଦିନ ପର୍ଯ୍ୟନ୍ତ ଲୋକଙ୍କୁ ସେବା ଯୋଗେଇବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ପୋଲ ନିର୍ମାଣ ସମ୍ପର୍କରେ ରରୁଆଁଗୋଡ଼ା ସରପଞ୍ଚ, ପିଇଓଙ୍କୁ ପଚାରିବାରୁ ଏ ପୋଲ କିଏ କେଉଁ ବିଭାଗରୁ ନିର୍ମାଣ କରାଯାଇଛି ଜାଣି ନ ଥିବା ପ୍ରକାଶ କରିଥିବା ବେଳେ, ରରୁଆଁ ଗୋଡ଼ା ପଂଚାୟତ ଦାୟିତ୍ୱରେ ଥିବା ବ୍ଲକ ଜେଇ ମଧ୍ୟ ପୋଲ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। କିଛି ଗ୍ରାମବାସୀ ଏହା ଚମ୍ପୁଆ ବ୍ଲକ କାମ ନ ହେଲେ ବାଲି ମାଫିଆଙ୍କ କାମ ହୋଇଥାଇ ପାରେ ବୋଲି କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଏହି ପୋଲ ନିର୍ମାଣ କାର୍ଯ୍ୟ ଚମ୍ପୁଆର କୌଣସି ଉନ୍ନୟନ ବିଭାଗ ପକ୍ଷରୁ ହୋଇଛି ତେବେ ସୂଚନା ଫଳକ ମରାଗଲା ନାହିଁ କାହିଁକି ? ପୋଲ ନିର୍ମାଣ ସ୍ଥାନକୁ ଲୋକଙ୍କ ଚଳାଚଳ କମ ଥିବାରୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିମ୍ନ ମାନର କାମ କରି ବିଧିବଦ୍ଧ ଭାବେ ଅନୁଦାନ ଟଙ୍କାକୁ ହଡପ କରା ଯାଇ ନାହିଁ ତ ? ଅନ୍ୟପକ୍ଷରେ ଯଦି ଏହି ପୋଲ ବାଲି ମାଫିଆ ମାନେ ନିର୍ମାଣ କରିଛନ୍ତି ତେବେ ସ୍ଥାନୀୟ ପ୍ରଶାସନ ଜାଣି ପାରିଲା ନାହିଁ କେମିତି ? ଏହା କୌଣସି ଗୋଟିଏ ଦିନର କାମ ନୁହେଁ, ଦୀର୍ଘ ଦିନ ଧରି ପୋଲ ନିର୍ମାଣ କାର୍ଯ୍ୟ ହୋଇଛି କିନ୍ତୁ ପଂଚାୟତ କି ବ୍ଲକ କୌଣସି କର୍ତ୍ତୃପକ୍ଷ ଜାଣି ପାରିଲେ ନାହିଁ କେମତି ? ବାଲି ମାଫିଆ ମାନେ କେଉଁ ଅଧିକାରୀଙ୍କ ସାହସରେ ଏହି କଂକ୍ରିଟ ପୋଲ ନିର୍ମାଣ କରି ବାଲି ଚୋରା ଚାଲାଣ କରୁଛନ୍ତି ? ତାହା ଏଠାରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଏଥିରୁ ସ୍ଥାନୀୟ ପ୍ରଶାସନର କାର୍ଯ୍ୟ କଳାପ ସ୍ପଷ୍ଟ ବାରିହୋଇ ପଡୁଛି ଯାହା ତଦନ୍ତ ସାପେକ୍ଷ। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ପୌର ଅଧ୍ୟକ୍ଷ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ : ପୂର୍ବତନ ପୌର ଉପାଧ୍ୟକ୍ଷ

ଜୟପୁର, ୨୦/୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଜନୀତି ସରଗରମ ହୋଇଯାଇଛି । ଏହିପରି ଆଜି ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ରଥ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜଣେ ଲୋକପ୍ରତିନିଧ ଏବଂ ଦାୟୀତ୍ୱ ସମ୍ପନ୍ନ ପଦବୀରେ ରହିଥିଲେ ସୁଦ୍ଧା ନିଜ ବ୍ୟକ୍ତିଗତ ବ୍ୟବସାୟୀକ ସାମ୍ରାଜ୍ୟକୁ ବଂଚାଇ ରଖିବା ପାଇଁ ହାଇକୋର୍ଟ ଭଳି ଏକ ପବିତ୍ର ସଂସ୍ଥାକୁ ବିଭ୍ରାନ୍ତ କରିବା ସହିତ ମିଥ୍ୟା ସତ୍ୟପାଠ ମାଧ୍ୟମରେ ରୁଟ ପରମିଟ ହାସଲ କରିବା ଏକ କଳଙ୍କିତ ଇତିହାସ ସୃଷ୍ଟି କରିବା ସହିତ ଜୟପୁର ସହର ପାଇଁ ଏହା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିବା ସହିତ ତୁରନ୍ତ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି । ଏହିପରି ନିଜ ମାଲିକାନାରେ ରହିଥିବା ଘରୋଇ ବସର ଅସ୍ଥାୟୀ ରୁଟ ପରମିଟ ସ୍ଥାୟୀ କରିବା ନେଇ ନିର୍ଦ୍ଧାରିତ ସମୟରେ ଆବେଦନ କରିନଥିବା ଯୋଗୁଁ ଉକ୍ତ ଅସ୍ଥାୟୀ ପରମିଟ ଖାରଜ ହୋଇଯାଇଥିଲା । କିନ୍ତୁ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ମାଧ୍ୟମରେ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଅପ୍ରେଲ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଦୀର୍ଘ ୧୦୬ ଦିନ ଚିକିତ୍ସିତ ହେଉଥିବା ନେଇ ଲିଖିତ ଭାବେ ଜଣାଇଥିଲେ । ଯଦି ସେ ସେଠାରେ ଚିକିତ୍ସା ହେଉଥିଲେ ଉକ୍ତ ଦୀର୍ଘ ୩ ମାସ ପର୍ଯ୍ୟନ୍ତ ଜୟପୁର ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ପୌରସଂସ୍ଥା ଓ ସରକାରୀ କାର୍ଯ୍ୟକ୍ରମରେ କିଭଳି ଉପସ୍ଥିତ ରହି ସଭା ଏବଂ ଅନ୍ୟାନ୍ୟ କାର ?ଯ୍ୟ କରିଥିଲେ । ଏହିପରି ଏହା ବାବଦକୁ ଗସ୍ତଖର୍ଚ୍ଚ ବାବଦକୁ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ୪ ଚକିଆ ଯାନରେ ପେଟ୍ରୋଲ କିମ୍ବା ଡିଜେଲ ବାବଦକୁ ଟଙ୍କା କିଭଳି ପୈଠ କରାଯାଇଛି ବୋଲି ପ୍ରଶ୍ନ କରିବା ସହିତ ଏହା ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି । ଏହି ଅଭିଯୋଗ ନେଇ ପୂର୍ବରୁ ଜଗତଜନନୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା । କିନ୍ତୁ, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟୀତ୍ୱରେ ଜଣେ ଯୁବ ମହିଳା ଭାରତୀୟ ପ୍ରଶାସନିକ ଅଧିକାରୀ ରହିଥିବା ବେଳେ ଏହାର ତଦନ୍ତ ନ କରିବା ଏବଂ ଚୁପ ରହିବାର କାରଣ କ'ଣ ବୋଲି ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ରଥ ପ୍ରଶ୍ନ କରିଛନ୍ତି । ଏହିପରି ଜଗନ୍ନାଥ ସାଗର ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ଦେଖାଇ ଅଧିକାଂଶ ଟଙ୍କା ନିର୍ମାଣକାରୀ ସଂସ୍ଥା ପୌରସଂସ୍ଥା ପକ୍ଷରୁ ଆତ୍ମସାତ କରାଯାଇଛି । ବର୍ତ୍ତମାନ ଜଗନ୍ନାଥ ସାଗରର ଉନ୍ନତିମୂଳକ କାର୍ଯ୍ୟ ସମ୍ପନ୍ନ କରିବା ପୌରସଂସ୍ଥାର ଉଦ୍ଦେଶ୍ୟ ନାହିଁ । ଏହାର ପୁନଃଉଦ୍ଧାର ନାମରେ ବିଭିନ୍ନ ସଂସ୍ଥାର ପାଣ୍ଠି ଓ ରାଜ୍ୟ ସରକାରଙ୍କ ପାଣ୍ଠି ଲୁଟ୍ କରିବାର ଜଗନ୍ନାଥ ସାଗର ମୁଖ୍ୟ ଉତ୍ସ ପାଲଟିଛି । ଏହି ଦୁର୍ନିତୀରେ ସିଧାସଳଖ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ସଂଶ୍ଳିଷ୍ଟ ରହିଥିବା ବେଳେ ଜୟପୁର ବିଧାୟକ ମଧ୍ୟ ଏଥିର ସଂଶ୍ଳିଷ୍ଟ ରହିଛନ୍ତି । ନଚେତ ସାଧାରଣ ସଭା ବୈଠକରେ ପୌରଅଧ୍ୟକ୍ଷ ଶ୍ରୀ ମହାନ୍ତି କୌଣସି ଦୁର୍ନିତୀ କରିଲେ ତାଙ୍କୁ ତୁରନ୍ତ ପଦବୀରୁ ହଟାଇବାକୁ ଦାବି କରିବେ ବୋଲି ଭାଷଣାବାଜି କହୁଥିବା ବିଧାୟକ ବର୍ତ୍ତମାନ ଜଗନ୍ନାଥ ସାଗର ଏବଂ ପୌରସଂସ୍ଥାର ଦୁର୍ନିତୀ ବିରୋଧରେ କୌଣସି ମନ୍ତବ୍ୟ ନ ଦେବା ସ୍ପଷ୍ଟ କରୁଛି ବୋଲି ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ରଥ ଅଭିଯୋଗ କରିଛନ୍ତି । ଏହିପରି ବିଜେଡି ଦଳ ପକ୍ଷରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ୍ନ ବିଭାଗିୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଏହାର ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବ । ଅନ୍ୟଥା ଆଗାମୀ ଦିନରେ ଜୟପୁରରେ ବିଜେଡି ଦଳ ପକ୍ଷରୁ ଏକ ଜୋରଦାର ଆନ୍ଦୋଳନ କରିବା ସହିତ ପୌର ଅଧ୍ୟକ୍ଷଙ୍କୁ ନିଜ ପଦବୀରୁ ଇସ୍ତଫା ଦେବାକୁ ବାଧ କରାଯିବ । ଅନ୍ୟଥା ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିଥିବା ସହର ବାସିନ୍ଦାଙ୍କୁ ସାଧାରଣରେ କ୍ଷମା ପ୍ରାର୍ଥନା କରିବା ସହିତ ନିଜ ଦୋଷକୁ ସ୍ୱୀକାର କରୁନ୍ତ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁର ନଗର ବିଜେଡି ସଭାପତି ଏ. ଶ୍ରୀନିବାସ ରାଓ ଉପସ୍ଥିତ ରହିଥିଲେ । ଏଥିନେଇ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ମତାମତ ନେଇ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏହି ଅଭିଯୋଗର ସମସ୍ତ ଉତର ଦେବା ସହିତ ଖୁଲାସା କରିବି ବୋଲି କହିଛନ୍ତି ।

# ଭାରତୀୟ ପରମ୍ପରାରେ ଗୁରୁ-ଶିଷ୍ୟ ସଂପର୍କ 'ଭୟ ମୁକ୍ତ'

ସମ୍ବଲପୁର, ୨୦/୨ (ନି.ପ୍ର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷା ପ୍ର. କଳ୍ପନା ମେହେର ସ୍ୱାଗତ ଭାଷଣ ରେ ମହାବିଦ୍ୟାଳୟକୁ ନାରୀ ଶକ୍ତି ବିକାଶର ଉପଯୁକ୍ତ କ୍ଷେତ୍ର ଭାବରେ ବର୍ଣ୍ଣନା କରିଥିଲେ । ଏଥିରେ ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ର ନିର୍ଦ୍ଦେଶକ ମୁରଲୀ ଧର ମାଝୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା ସହ ସଦା ସର୍ବଦା କର୍ମ ତତ୍ପର ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ସାହିତ୍ୟିକ ଡ. ଶ୍ୟାମ ସୁନ୍ଦର ଧର କହିଲେ ଯେ, ଭାରତୀୟ ପରମ୍ପରାରେ ଗୁରୁଶିଷ୍ୟର ସଂପର୍କ ପବିତ୍ରତମ । ଏହି ସମ୍ପର୍କ ହେଉଛି ଏକ ବିଶେଷ ମୁକ୍ତି , ଅଜ୍ଞତା, ଜଡ଼ତା ଓ ଭୟରୁ ମୁକ୍ତି ପ୍ରଦାନ କରିଥାଏ। ସଭାରେ ମହାବିଦ୍ୟାଳୟର 'ନ୍ୟୁଜ ଲେଟର' ଏବଂ ମହାବିଦ୍ୟାଳୟ ମୁଖପତ୍ର 'ଭାସ୍ୱତୀ' ର ଉନ୍ମୋଚନ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରଶାନ୍ତ ପ୍ରଧାନଙ୍କ ପ୍ରକାଶିତ ପୁସ୍ତକ 'ଇଣ୍ଡିଆନ ଫେଡେରାଲିଜମ୍ ଇନ୍ ଟ୍ରାନଜିସନ : କନଫ୍ଲିକ୍ଟ, କୋପରେସନ ଆଣ୍ଡ ଗଭର୍ନାଂଶ ଲୋକାର୍ପିତ ହୋଇଥିଲା । ମହାବିଦ୍ୟାଳୟର ଛାତ୍ରୀନିବାସ ପାଇଁ ନିଜ ଘରକୁ ଉତ୍ସର୍ଗ କରିଥିବା ଓ ଗରିବ ଛାତ୍ରୀଙ୍କ ପାଠପଢ଼ା ପାଇଁ ଅର୍ଥଦାନ କରିଥିବା ମହିୟସୀ ମହିଳା ଡ଼ା. ନାରାୟଣୀ ପଣ୍ଡାଙ୍କୁ ଭାବେ ସମ୍ମାନିତ କରା ଯାଇଥିଲା । ନାଟ୍ୟ ସଂସଦ , ସାଂସ୍କୃତିକ ସଂସଦ, ଛାତ୍ରୀ ସଂସଦ ଓ ଛାତ୍ରୀ ସାଧାରଣ ପ୍ରକୋଷ୍ଠ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଖୁସି ସାହା , ସ୍ନାତକ ଛାତ୍ରୀ ଅଫ୍‌ସାନା ଖାତୁନ୍ ଓ ସ୍ନାତକୋତର ଛାତ୍ରୀ ଶ୍ରୁତିରେଖା ଆଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବରେ ପୁରସ୍କୃତ ଏବଂ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଦ୍ୱାରା 'ଆପଦା ମିତ୍ର' ଭାବେ ସମ୍ମାନିତ ଛାତ୍ରୀ ଖୁସ୍‌ବୁ ଜୟପୁରୀଆଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ସଂସଦର ଉପଦେଷ୍ଟା ପ୍ର. ରବୀନ୍ଦ୍ର କୁମାର ପାଣିଗ୍ରାହୀ ବାର୍ଷିକ ବିବରଣୀ ଓ ପ୍ରାଶାସନିକ ଅଧିକାରୀ ପ୍ର. ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଟ୍ୟ ସଂସଦର ଉପସଭାପତି ପ୍ର. ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ ଏବଂ ପ୍ର. ଭୋଜରାଜ ରୋହିଦାସ ସଭା ସଂଚାଳନ କରିଥିଲେ। ସମ୍ବଲପୁରୀ ତଥା ବିଭିନ୍ନ ପ୍ରଦେଶର ଲୋକନୃତ୍ୟ ଓଡ଼ିଶୀ, ରୋବଟିକ୍ ଡେନ୍ସ ଓ ବିଭିନ୍ନ ଭାଷାର ସଂଗୀତ ଗାନ ଭଳି ସମୁଦାୟ ୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଙ୍କଦ୍ୱାରା ପରିବେଶିତ ହୋଇ ଉଚ୍ଚ ପ୍ରସଂଶିତ ହୋଇଥିଲା ।

# ନିଖିଳ ଓଡ଼ିଶା ଠିକାଦାର ମହାସଂଘର ସିଂହଦ୍ୱାର ସମ୍ମୁଖରେ ଦୀପଦାନ: ସରକାର ଦାବି ନଶୁଣିଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

ପୁରୀ, ୨୦/୨ (ନି.ପ୍ର): ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଗୁରୁବାର ଅପରାହ୍ନରେ ବିକ୍ଷୋଭ ଶୋଭାଯାତ୍ରା ଓ ଦୀପଦାନ ଅନୁଷ୍ଠିତ ହୋଇଯାଇଛି । ବଲଗଣ୍ଡି ମାଜଣା ଯାଗା ଠାରୁ ଠିକାଦାର ମାନଙ୍କ ଏକ ବିରାଟ ଶୋଭାଯାତ୍ରା ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲା । ସରକାର ଠିକାଦାର ମାରଣାନୀତିକୁ ପ୍ରତ୍ୟାହାର ନକଲେ ଫେବୃଆରୀ ୨୦ ତାରିଖ ଠାରୁ ଭୁବନେଶ୍ୱର ଲୋୟର ପିଏମଜି ଠାରେ ରାଜ୍ୟର ହଜାର ହଜାର ଠିକାଦାର ସରକାରଙ୍କୁ ଦାବିପତ୍ର ଦେବାସହ ଅନିର୍ଦ୍ଦିଷ୍ଟ କାର୍ଯ୍ୟ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବେ ବୋଲି ମହାସଂଘ ସୂଚନା ଦେଇଛି । ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ପଦଯାତ୍ରାରେ ୨ ଶହରୁ ଅଧିକ ଠିକାଦାର ଯୋଗ ଦେଇଥିଲେ । ରାଜ୍ୟ ସରକାର ଠିକାକାର୍ଯ୍ୟର ପୂର୍ବ ଟେଣ୍ଡର ନିୟମ, ପଦ୍ଧତି ପରିବର୍ତନ କରି ନୂଆ ଢାଂଚାରେ ଗାଇଡ ଲାଇନ କରିଛନ୍ତି । ଅନଲାଇନ ମାଧ୍ୟମରେ ଜିରୋ ପର୍ସେଂଟରୁ ଅନଲିମିଟେଡ ପର୍ସେଂଟ ପର୍ଯ୍ୟନ୍ତ ଠିକାଦାର ମାନେ ଯେକୌଣସି କାର୍ଯ୍ୟ ପାଇଁ ଟେଣ୍ଡର ପକାଇ ପାରିବେ । ପୂର୍ବରୁ ୧୪.୯୯ ପ୍ରତିଶତ ଥିବାବେଳେ ଏହାକୁ ସିଡୁଲ୍ଡ ଅଫ ରେଟରେ ସିମୀତ ରଖାଗଲେ କାର୍ଯ୍ୟର ମାନ ଠିକ୍ ରହିବ । ସଂଘ ନୂତନ ଟେଣ୍ଡର ନୀତିନିୟମକୁ ପୁନଃ ସମୀକ୍ଷା କରିବା ପାଇଁ ସଂଘ ଦାବି କରିଛି ।

# ତଳକମ୍ପଡ଼ିହି ଜହ୍ଲାସାହିରେ ବେଆଇନ୍ ଅଫିମ ଚାଷ ନଷ୍ଟ

କେନ୍ଦୁଝର, ୨୦/୨ (ନି.ପ୍ର): କେନ୍ଦୁଝରରେ ବ୍ୟାପକ ଅଫିମ ଗଛ ନଷ୍ଟ କଲେ ପୋଲିସ, ଅବକାରୀ ବିଭାଗ ଓ ବନ ବିଭାଗ । ସଦର ଥାନା ପୋଲିସ, ଅବକାରୀ ବିଭାଗ ଓ ବନ ବିଭାଗର ମିଳିତ ଜୋରଦାର ଚଢ଼ାଉରେ ସଦର ମହକୁମା ବରଦାପାଳ ପଂଚାୟତ ତଳକମ୍ପଡ଼ିହି ଜହ୍ଲାସାହିରେ ବେଆଇନ୍ ଅଫିମ ଚାଷ ନଷ୍ଟ କରାଯାଇଛି । ତଳକମ୍ପଡିହି ମୁଣ୍ଡାସାହିର ଲୋକେ ଗାଁ ନିକଟରେ ପନିପରିବା ଚାଷ କରିଥିଲେ । ଏହା ନିକଟରେ କେହି ୧ଏକର ଜମିରେ ଅଫିମ ଚାଷ କରିଥିବା ଜାଣି ଆଜି ସଦର ଥାନାଧିକାରୀ, ଅବକାରୀ ବିଭାଗ ଓ ବନ ବିଭାଗ ସଦଳବଳେ ପହଂଚି ଚଢ଼ାଉ କରିଥିଲେ । ଏସବୁ ଗଛକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି । ଏହା ଅଫିମ ଚାଷ ନୁହେଁ ବରଂ ଚାଇନା ଗଛ ବୋଲି ସ୍ଥାନୀୟ ଲୋକେ ଜାଣିଥିବା କହୁଛନ୍ତି । ଏହି ଚାଷ ସମ୍ପର୍କରେ କିଛି ଜାଣି ନଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ, ଏହାର ଦେଖାରେଖା କରୁଥିବା ଜଣେ ଲୋକକୁ ଅଟକ ରଖି ପଚରା ଉଚୁରା କରୁଛି ପୋଲିସ । ଏହି ଅଫିମ ଗଛର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି ।

# ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଅଣ- ଆନୁଷ୍ଠାନିକ ଯତ୍ନରେ ରହିଆସୁଥିବା ଶିଶୁମାନଙ୍କ ଦ୍ୱାରା ଆଇଏଚଏମ କ୍ୟାମ୍ପସ ଏବଂ ସାଇ ଏକ୍ସପର୍ଟ ପରିଦର୍ଶନ



ଭୁବନେଶ୍ୱର/ଖୋର୍ଦ୍ଧା, ୨୦/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ରେ ରହିଆସୁଥିବା ଶିଶୁ ମାନଙ୍କ ମଧ୍ୟରୁ ଯେଉଁ ମାନେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ରେ ଅଧ୍ୟୟନ କରୁଛନ୍ତି ତତ୍ ସହିତ ଅଣ ଆନୁଷ୍ଠାନିକ ଯତ୍ନର ସେବା ଯଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ପୃଷ୍ଠପୋଷକିୟ ସହାୟତା, ଆଶିର୍ବାଦ ଏବଂ ଗ୍ରୀନ ପ୍ୟାସେଜ୍ ରୁ ସହାୟତା ପାଉଥିବା ପିଲାମାନେ ସେମାନଙ୍କର ଭବିଷ୍ୟତ ପାଇଁ ଆଜି ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଖୋର୍ଦ୍ଧା ଆନୁକୁଲ୍ୟରେ ଭୁବନେଶ୍ୱର ସ୍ଥିତ ଆଇ ଏଚ ଏମ ଏବଂ ଜଟଣୀ ସ୍ଥିତ ସାଇ ଏକ୍ସପର୍ଟ୍ ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ଆଇ ଏଚ ଏମ ର ଅଧକ୍ଷା ସାରଦା ଘୋଷ ଏହି ପିଲାମାନଙ୍କୁ ସ୍ୱାଗତ କରିବା ସହିତ ଏହି ବୟସରେ ସାଧାରଣତଃ ପିଲାମାନଙ୍କ ଦିଗହରା ହୋଇଯାଆନ୍ତି ଯାହାଫଳରେ ସେମାନେ ତାଙ୍କ ଲକ୍ଷ୍ୟରେ ପହଞ୍ଚି ପାରନ୍ତି ନାହିଁ ଏବଂ ପିତା ମାତା ଓ ସମାଜ ଉପରେ ବୋଝ ହୋଇ ରହି ଯାଆନ୍ତି। ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରି କିପରି ସ୍ୱାବଲମ୍ବୀ ହୋଇପାରିବ ଆଇ ଏଚ୍ ଏମ ର ପରାମର୍ଶଦାତା ଅବିନାଶ ଦାଶ ଏବଂ ପରାମର୍ଶଦାତ୍ରି ଜ୍ୟୋତିର୍ମୟୀ ପଣ୍ଡା ସଚେତନ କରାଇଥିଲେ। ଏହି ପରିଦର୍ଶନ ରେ ଅତିରିକ୍ତ ଶିଶୁ ମଙ୍ଗଳ ସମିତି ର ଅଧକ୍ଷା ବାଗ୍ମୀଶ୍ରୀ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଖୋର୍ଦ୍ଧା ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନ ରେ ପିଲାମାନ ଜଟଣୀ ସ୍ଥିତ ସାଇ ଏକ୍ସପର୍ଟ୍ ପରିଦର୍ଶନ କରିଥିଲେ। ଏଠାରେ ଉଲ୍ଲେଖ ଥାଉ କି ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ମୋଟ୍ ୨୨ ଜଣ ପିଲା ଯୋଗ ଦେଇଥିଲେ।

# ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

## ଜନସମ୍ପର୍କକୁ ପ୍ରଥମିକତା ଦେବାକୁ ଜିଲ୍ଲା ସଭାପତିଙ୍କ ଆହ୍ୱାନ



ବାଲେଶ୍ୱର, ୨୦/୨ (ନି.ପ୍ର): ବାଲେଶ୍ୱର ସଦର ବିଧାନସଭା କ୍ଷେତ୍ର ପାଇଁ ପି ସି ସି ସଭାପତି ମନୋନୀତ କରିଥିବା ନୂତନ କର୍ମକର୍ତା ମାନଙ୍କୁ ଶୁକ୍ରବାର ମଧାହ୍ନ ରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସର ରେ ଯୁବ କଂଗ୍ରେସ ଜିଲ୍ଲା ସଭାପତି ଇଂ. ରଞ୍ଜନ ଦାସ ଙ୍କ ପୌରହିତ୍ୟ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାପତି ସତ୍ୟ ଶିବ ଦାସ ନବାଗତ ଙ୍କୁ ଶୁଭେଛା ଜ୍ଞାପନ କରିବା ସହ ପ୍ରଥମେ ପଂଚାୟତ ଓ ଜୋନ ସ୍ତରୀୟ କମିଟି ଗଠନ ଓ ବୁଥ ସ୍ତରୀୟ କମିଟି ଗଠନ କାର୍ଯ୍ୟ ସମାପନ କରିବାକୁ ପରାମର୍ଶ ଦେଇଥିଲେ ଜିଲ୍ଲା ଉପ ସଭାପତି ସରୋଜ କୁମାର ଲେଙ୍କା। ଦଳ ର କର୍ମକର୍ତ୍ତା ମାନେ ଜନ ସମ୍ପର୍କ ବୃଦ୍ଧି କରିବା ପରେ ଅନ୍ୟନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରାଯିବ ବୋଲି ସୂଚନା ଦେଇଥିଲେ। ଅର୍ଥ ଠାରୁ ସମ୍ପର୍କ ବଡ଼ ବୋଲି ଦର୍ଶାଇ ଅତୀତ ରେ ଯାହା କିଛି ଘଟିଯାଇଛି ତାକୁ ଭୁଲି ଦଳ ର ସଂଗଠନ ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେଲେ ଆମେ ସରୋଜ ଲେଙ୍କା ଙ୍କ ନେତୃତ୍ୱ ରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ରେ ବିରୋଧୀ ଙ୍କୁ ନିଶ୍ଚିତ ଭାବେ କଡା ମୁକାବିଲା କରି ସଫଳ ହେବୁ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରେମୁଣା ର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ସଦର ବ୍ଲକ ସଭାପତି ଜୟ କୃଷ୍ଣ ବେହେରା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା ଓ ଜୋସ୍ନା ସେନାପତି ପ୍ରମୁଖ ଉଦବୋଧନ ଦେଇ ସଂଗଠନ କୁ ଅଧିକ ଶକ୍ତିଶାଳୀ କରିବାର ଫର୍ମୁଲା ଉପରେ ଗୁରୁ ମନ୍ତ୍ର ଦେଇଥିଲେ। ଏହି ଅବସର ରେ ଉପସଭାପତି ସରୋଜ ଲେଙ୍କା, ଗୋପୀନାଥ ପାଢ଼ୀ, ପ୍ରଭାସ ପଣ୍ଡା କମ୍ଲ ଆଲି ଖାଁ ସାଧାରଣ ସମ୍ପାଦକ ଗୁରୁପ୍ରସନ୍ନମିଶ୍ର , କେଶବ ନାୟକ, ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ସମ୍ପାଦକ ଜ୍ଞାନେନ୍ଦ୍ର ମହାନ୍ତି ଶ୍ରୀକାନ୍ତ ବୁଗୁଡ଼ାଇ ସାହେବା ଆଖ ତାର, ମୋନରଞ୍ଜନ ନାୟକ ସମ୍ପାଦକ କେଶବ ଚନ୍ଦ୍ର ନାୟକ ଗୁରୁ ପ୍ରସନ୍ନ ମିଶ୍ର, ସହ ସମ୍ପାଦକ ସାହିବା ଅଖତାର, ମନୋରଞ୍ଜନ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ସେକ ନିଜାଦ୍ଦିନ ପ୍ରମୁଖ ଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶେଷ କରି ସଦର ବ୍ଲକ ସଭାପତି ରୂପେ ଜୟକୃଷ୍ଣ ବେହେରା ଏବଂ ଟାଉନ ସଭାପତି ରୂପେ ଅନୁପ କୁମାର ସ୍ୱାଇଁ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଶେଷରେ ୨୫ ନମ୍ବର ଜୋନ ସଭାପତି ପାଇଁ ଅନନ୍ତ ମହାପାତ୍ର ୨୮ ନମ୍ବର ଜୋନ ପାଇଁ ଅମିତ କୁମାର ପତି ଏବଂ ୨୯ଜୋନ ପାଇଁ କମଳାକାନ୍ତ ମଲ୍ଲିକ ଙ୍କ ନାମ ପ୍ରସ୍ତାବ ଦେଇଥିଲେ ।

# କଂସାରିପୁର କାଳୀଗଦି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୨୦/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିରସ ଗ୍ରାମ ପଞ୍ଚାୟତର କଂସାରିପୁର କାଳୀ ଗଦି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରତ ଭଞ୍ଜନ ସେଠୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିରସ ଗ୍ରାମ ପଞ୍ଚାୟତର ସରପଞ୍ଚ ରୁଚିସ୍ମିତା ବାରିକ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସି ଆର୍ ସି ସି ମନୋଜ ଅଗସ୍ତି, ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନା କୁମାରୀ ମଲ୍ଲିକ୍,ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ, ସ୍କୁଲ୍ ପରିଚାଳନା କମିଟି ସଭାପତି ପ୍ରଭାତ ପଲାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମସ୍ତ ଅତିଥି ଶିକ୍ଷା ସାହିତ୍ୟ ଧର୍ମ କଳା ସଂସ୍କୃତି ସମ୍ପର୍କରେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷକ କାହ୍ନୁ ଚରଣ ରଣା ଅତିଥି ପରିଚୟ ପ୍ରଦାନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ସହକାରୀ ଶିକ୍ଷକ ମୁକେଶ ଚନ୍ଦ୍ର ମହାଲିକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ସହକାରୀ ଶିକ୍ଷକ ମୁକ୍ତିକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଦେବୋତ୍ତର ସେବାୟତ କଲ୍ୟାଣ ସମିତି ପକ୍ଷରୁ ଶୋକସଭା

ଜୟପୁର, ୨୦/୨ (ନି.ପ୍ର): ଦେବୋତର ସେବାୟତ କଲ୍ୟାଣ ସମିତି ପକ୍ଷରୁ ସ୍ଥାନୀୟ ଗୀତା ଭବନ ପରିସରରେ ଦେବୋତର ବିଭାଗର କୃଷ୍ଣଚନ୍ଦ୍ର ଦାଶଙ୍କ ବିୟୋଗରେ ଶୋକସଭା ପାଳିତ ହୋଇଯାଇଛି । ଦେବୋତର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନାଙ୍କ ଉପସ୍ଥିତିରେ ଦେବୋତର ଅଧିନରେ ଥିବା ସମସ୍ତ ମନ୍ଦିରର ସେବାୟତମାନେ ଉପସ୍ଥିତ ରହି ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜିବନୀ ବିଷୟରେ ଆଲୋକପାତ କରିଥିଲେ। ସ୍ୱର୍ଗତ ଦାଶ ଜଣେ ମେଳାପି ଓ ସମସ୍ତଙ୍କ ସହ ସ୍ନେହି ଥିଲେ। ଦୀର୍ଘଦିନ ଧରି ଜୟପୁର ଦେବୋତରରେ କିରାଣୀ ଭାବେ କାର୍ଯ୍ୟରତ ଥିଲେ।

# ବାଣୀ କଲ୍ୟାଣଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଅନୁଷ୍ଠିତ



ବାସୁଦେବପୁର, ୨୦/୨ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତିଙ୍କ ଜନ୍ମ ଦିନରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ସମୁଦାୟ ୬୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଦିବସରେ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ଓ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରା ଯାଇଥିଲା। ଏହି ଶିବିରରେ ସମସ୍ତ ଶୁଭେଚ୍ଛୁ ବାଣୀ କଲ୍ୟାଣ ମହାନ୍ତି ଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଶିବିରରେ ପଦ୍ମପୁର ମଣ୍ଡଳ ସଭାପତି ରତିକାନ୍ତ ଦଳେଇ ଲିଙ୍କୁନ, ବିଜୟ ମାଝି,ଜଗବନ୍ଧୁ ମଲ୍ଲିକ, ଅମର ଦାସ, ଅମର ନାୟକ, ବଳରାମ ନାୟକ, ଅନାଦି ବେହେରା, ଉମାକାନ୍ତ ଡ଼ାଙ୍ଗୁଆ, ରାଧା ଗୋବିନ୍ଦ ପଟ୍ଟନାୟକ, ଆଶୁତୋଷ ସାମଲ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ,ସନ୍ତୋଷ କୁମାର ମହାରଣା,ମନୋଜ ପାଢ଼ୀ,ନିର୍ମଳ ପଣ୍ଡା,କିଶୋର ଜେନା, ବିପିନ ମିଶ୍ର, ରମେଶ ଘଡ଼େଇ, ବିଜୟ ବିଶ୍ୱାଳ, ପ୍ରକାଶ ନାୟକ, ବିଜୟ ମିଶ୍ର,ଦମୟନ୍ତୀ ଦ୍ୱିବେଦୀ, ଅଜୟ ନାୟକ, ମନୋରଞ୍ଜନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବୃଦ୍ଧା ଆଶ୍ରମରେ ମଧ ଅନ୍ତେବାସୀ ମାନଙ୍କୁ ଏହି ଜନ୍ମ ଦିନରେ ଫଳ ବଣ୍ଟନ କରା ଯାଇଥିଲା।

# ଦ୍ରୁତଗାମୀ କାର ଧକ୍କାରେ ଜଣେ ମୃତ: ଦୁଇ ଆହତ



ବେତନଟୀ, ୨୦/୨ (ନି.ପ୍ର): ୧୮ନଂ ଜାତୀୟରାଜପଥ ବେତନଟୀ ଉପକଣ୍ଠ ସତସଙ୍ଗ ବିହାରଠାରେ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ସମ୍ପର୍କୀୟ ମାନଙ୍କୁ ରାସ୍ତା ପାର୍ଶ୍ୱରେ ଅପେକ୍ଷା କରିଥିବା ବେଳେ ଏକ ଦ୍ରୁତଗାମୀ କାର ଭାରସାମ୍ୟ ହରାଇ ଆସି ସେମାନଙ୍କୁ ଧକ୍କା ଦେବାରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି । ମୃତା ମହିଳା ଜଣକ ହେଉଛନ୍ତି ବେତନଟୀ ଥାନା ଅଧୀନ ଦହିକଟି ଗ୍ରାମର ସ୍ୱର୍ଗତ ରଥ ସିଂଙ୍କ ସ୍ତ୍ରୀ କନ ସିଂ । ସୂଚନା ମୁତାବକ ଦହିକଟି ଗ୍ରାମର ସ୍ୱର୍ଗତ ରଥ ସିଂଙ୍କ ପୁଅ ସୁବ୍ରତ ସିଂ ନିଜର ମା କନ ସିଂ ଏବଂ ଆଇ ପାନ ସିଂଙ୍କ ସହିତ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଓଡି - ୧୧ଏଟି -୪୪୦୦ନମ୍ବର ବିଶିଷ୍ଟ ବାଇକଯୋଗେ ସତସଙ୍ଗ ବିହାର ଠାରେ ପଛରେ ଆସୁଥିବା ଅନ୍ୟ ସମ୍ପର୍କୀୟ ମାନଙ୍କୁ ଅପେକ୍ଷା କରିଥିଲେ । ସେହି ସମୟରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ୟୁପି -୧୬ଇଜେଡ- ୯୪୭୬ ନମ୍ବର ବିଶିଷ୍ଟ ଦ୍ରୁତଗାମୀ କାରଟି ଭାରସାମ୍ୟ ହରାଇ ଆସି ସେମାନଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଗୁରୁତର ମା' ପାନ ସିଂ ଓ ଝିଅ କନ ସିଂଙ୍କୁ ଉଦ୍ଧାରକରି ଧକ୍କା ଦେଇଥିବା କାର ଯୋଗେ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର କନ ସିଂଙ୍କୁ ମୃତ ଘୋଷଣା କରିଥିବା ବେଳେ ବୃଦ୍ଧା ପାନ ସିଂଙ୍କୁ ଗୁରୁତର ଅବସ୍ଥାରେ ପ୍ରାଥମିକଚିକିତ୍ସା ପରେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏନେଇ ମୃତା ମହିଳାଙ୍କ ସମ୍ପର୍କୀୟ ସାନବୁଦ୍ଧିଆ ସିଂଙ୍କ ଏତଲାକ୍ରମେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁକରି ବେତନଟୀ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଶୁକ୍ରବାର ବିଳମ୍ବ ହୋଇଯାଇଥିବାରୁ ଶନିବାର ଶବ ବ୍ୟବଚ୍ଛେଦ ହେବବୋଲି ବେତନଟୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଉଭୟ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ ଜବତ କରିଛି ବେତନଟୀ ପୁଲିସ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୩ ଲକ୍ଷ ୧୦ ହଜାର...

ରାଜ୍ୟର ଟିକସ ବାବଦରେ ୬୭୬୪୦କୋଟି ଟଙ୍କା,କେନ୍ଦ୍ରୀୟ ଅନୁଦାନ ବାବଦରେ ୪୦,୦୩୯କୋଟି, ବିଭିନ୍ନ ସୂତ୍ରରୁ ଋଣ ଆକାରରେ ୪୭୮୦୦କୋଟି ଟଙ୍କା, ଋଣ ପରିଶୋଧରୁ ୭୦୦କୋଟି ଟଙ୍କା, ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟରୁ ୧୩ହଜାର କୋଟି ଟଙ୍କାକୁ ମିଶାଇ ମୋଟ ୩.୧୦ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବେ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ନିଜସ୍ୱ ଟିକସ ସଂଗ୍ରହ ପ୍ରାୟ ୧ ଲକ୍ଷ ୪୧ ହଜାର କୋଟି ଟଙ୍କା ଆକଳନ କରିଥିବାବେଳେ ଏଥିରେ ୫୩ହଜାର କୋଟି ଟଙ୍କା କେବଳ ଖଣି ରାଜସ୍ୱ, ୧୦୯୦୦କୋଟି ଟଙ୍କା ଅବକାରୀ ଟିକସ ଓ ୫୧୦୦କୋଟି ଟଙ୍କା ବିଦ୍ୟୁତ ଟିକସରୁ ମିଳିବ।ସରକାର ଏହି ୩.୧୦ଲକ୍ଷ କୋଟି ଟଙ୍କାରୁ ୧.୧୪ଲକ୍ଷ କୋଟି ଟଙ୍କା ପ୍ରଶାସନିକ ବ୍ୟୟ, ୧.୮୦ଲକ୍ଷ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ, ୧୦୬୨୫କୋଟି ଟଙ୍କା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାକୁ ହସ୍ତାନ୍ତର ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୫୩୭୫କୋଟି ଆକାରରେ ଖର୍ଚ୍ଚ କରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ନିଜର ପୁଞ୍ଜି ବ୍ୟୟକୁ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି କରି ୭୨୧୦୦କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି। ଯାହାକି ରାଜ୍ୟ ଜିଡିପିର ୬.୫ ପ୍ରତିଶତ ଓ ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ସରକାର ନିଜର ବଜେଟ୍ ଆକାରକୁ ବୃଦ୍ଧି କରିବା ସହ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇଥିବା ବଜେଟ ଆକଳନରୁ ଜଣାପଡ଼ିଛି । ନିମ୍ନ ମଧ୍ୟବିତ୍ତ ଓ ଚାକିରିଆଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ମୋହନ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଦୀର୍ଘ ଦିନର ଦାବିକୁ ପୂରଣ କରି ୨୦୨୬ ଏପ୍ରିଲ ପହିଲାଠାରୁ ପ୍ରଫେସନାଲ ଟ୍ୟାକ୍ସକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବ ବୋଲି ବଜେଟ୍‌ରେ ଘୋଷଣା କରିଛନ୍ତି। ଏଥିଯୋଗୁ ସରକାରଙ୍କୁ ବାର୍ଷିକ ପ୍ରାୟ ୩୨୦କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିବ। କିନ୍ତୁ ଲକ୍ଷ ଲକ୍ଷ କମର୍ଚାରୀ ସିଧାସଳଖ ଉପକୃତ ହେବେ। ସେହିପରି ଅଷ୍ଟମ ବେତନ କମିଶନ ଆଧାରରେ ରାଜ୍ୟର କର୍ମଚାରୀମାନଙ୍କୁ ଦରମା ଦେବା ଉଦ୍ଦେଶ୍ୟରେ ପ୍ରଶାସନିକ ଖର୍ଚ୍ଚରେ ୧୧ ପ୍ରତିଶତ ବୃଦ୍ଧି କରିଛନ୍ତି।

### ନବୀନ କହିଲେ...

ସେପଟେ ନବୀନଙ୍କ ପ୍ରତିକ୍ରିୟାକୁ କଟାକ୍ଷ କରି କହିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ । ନବୀନଙ୍କ 'ଫୁଲ୍ ମେନ୍ୟୁ ଇନ୍ ଏମପ୍ଟି କିଚେନ' ରିଆକ୍ସନର ଜୋମାଟୋ ଜବାବ ଦେଇଛନ୍ତି ସନ୍ତୋଷ । ସେ କହିଛନ୍ତି- ନବୀନ ସରକାରରେ ଥିଲା ବେଳେ ବି ଏକ ଧାଡ଼ିଆ ଉତ୍ତର ଦିଅନ୍ତି । ଆଜିକାଲି ମେନ୍ୟୁ କେତେ ଭଲ ସେଇଟା ଗୁରୁତ୍ୱପୂର୍ଣ୍ଣ, କିଚେନ ଦରକାର ନାହିଁ । ଲୋକ ଜୋମାଟୋରୁ ବି ଖାଦ୍ୟ ମଗେଇ ଖାଉଛନ୍ତି । ନବୀନ ବଜେଟରେ ମେନ୍ୟୁ ଠିକ୍ ଅଛି କହିଲେ ଆମେ ଖୁସି । ତାଙ୍କ ସରକାରରେ ନା ମେନ୍ୟୁ ଠିକ୍ ଥିଲା ନା କିଚେନ ଥିଲା । ସେମାନେ ଏଡେବଡ଼ ବଜେଟ ଦେଖିନଥିଲେ ବୋଲି ସନ୍ତୋଷ ଖଟୁଆ କହିଛନ୍ତି ।

### ଡୋନାଲ୍ଡ ଟ୍ରମ୍ପଙ୍କୁ ଶକ୍ତ...

ଭାରତ ସମେତ ଅନେକ ଦେଶ ଟ୍ରମ୍ପଙ୍କ ଏହି ଟାରିଫ ନୀତି ଯୋଗୁ ପ୍ରଭାବିତ ହେଉଥିଲେ। ଆନୁମାନିକ ଭାବେ ଟ୍ରମ୍ପ ପ୍ରଶାସନକୁ ଏପର୍ଯ୍ୟନ୍ତ ସଂଗ୍ରହ କରାଯାଇଥିବା ପ୍ରାୟ ୧୭୫-୧୮୦ ବିଲିୟନ ଡଲାର ଟାରିଫ ଅର୍ଥ ବିଭିନ୍ନ କମ୍ପାନୀମାନଙ୍କୁ ଫେରସ୍ତ କରିବାକୁ ପଡ଼ିପାରେ। କହିବାକୁ ଗଲେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ତାଙ୍କ ପାଖରେ ବିକଳ୍ପ ସୀମିତ ହୋଇଯାଇଛି।

### ଶିକ୍ଷା ବ୍ୟବସ୍ଥାରେ...

ପରୀକ୍ଷା ନଦେବାର କାରଣ ଖୋଜା ଭିତରେ ସାମନାକୁ ଆସିଛି ସାଂଘାତିକ ତଥ୍ୟ। ଏବେ ବି ରାଜ୍ୟର ୧୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ, ରାଜ୍ୟରେ ୧୨ ପ୍ରତିଶତରୁ ଡ୍ରପ୍‌ଆଉଟ୍ ହାର ବଢ଼ି ୧୫ ପ୍ରତିଶତରେ ପହଞ୍ଚିଛି। ୨୦୨୪-୨୫ ଶିକ୍ଷାବର୍ଷରେ ନବମ ଓ ଦଶମ ଶ୍ରେଣୀରେ ସବୁଠୁ ଅଧିକ ପିଲା ଛାଡ଼ିଛନ୍ତି ପାଠପଢ଼ା । ଝିଅଙ୍କ ତୁଳନାରେ ଅଧିକ ପୁଅ ନାଁ ଲେଖାଇ ସ୍କୁଲକୁ ଆସୁନାହାନ୍ତି । ନବମ ଓ ଦଶମ ଶ୍ରେଣୀରେ ମୋଟ ୧୫ ପ୍ରତିଶତ ପିଲା ପାଠ ଛାଡ଼ିଛନ୍ତି । ସେମାନଙ୍କ ମଧ୍ୟରୁ ୧୨.୫ ପ୍ରତିଶତ ଝିଅ ଓ ୧୭.୩ ପ୍ରତିଶତ ପୁଅ ଅଛନ୍ତି । ଷଷ୍ଠରୁ ଅଷ୍ଟମ ମଧ୍ୟରେ ଡ୍ରପ୍‌ଆଉଟ୍ ହାର ୩.୨ ପ୍ରତିଶତ ରହିଛି। ୨.୬ ପ୍ରତିଶତ ଝିଅ ଓ ୩.୭ ପ୍ରତିଶତ ପୁଅ ପାଠପଢ଼ା ଛାଡ଼ିଛନ୍ତି । ପ୍ରଥମରୁ ପଞ୍ଚମ ଭିତରେ ପାଠ ଛାଡ଼ିଛନ୍ତି ୦.୭ ପ୍ରତିଶତ ଛାତ୍ରଛାତ୍ରୀ । ୨୦୨୦-୨୧ରୁ ୨୦୨୩-୨୪ ମଧ୍ୟରେ କ୍ରମାଗତ ଡ୍ରପଆଉଟ ହାର ହ୍ରାସ ପାଇଥିବା ବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ଏହା ପୁଣିଥରେ ବୃଦ୍ଧି ପାଇଛି । ସେହିଭଳି ୨୦୨୪-୨୫ ଶିକ୍ଷା ବର୍ଷଠାରୁ ଅଦ୍ୟାବଧି ପ୍ରାଥମିକସ୍ତରରେ କୌଣସି ନୂତନ ପଦବୀ ସୃଷ୍ଟି କରାଯାଇନାହିଁ ।

### ନୂଆଦିଲ୍ଲୀରେ ଏଆଇ...

ଭାରତର ଇଲେକ୍ଟ୍ରନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁଗଲ ସିଇଓ ସୁନ୍ଦର ପିଚାଇଙ୍କ ସହିତ ଏଆଇ କ୍ଷେତ୍ରରେ ନିବେଶ, ଗବେଷଣା ଓ ଏହାକୁ ଆହୁରି ରୁଦ୍ଧମନ୍ତ କରିବା ଉପରେ ଆଲୋଚନା କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏଆଇ ବ୍ୟବହାର ନେଇ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀକୁ ସମ୍ବୋଧନ କରିବା ସହ ବିଭିନ୍ନ ଦେଶର ନେତାଙ୍କ ସହ ଆଲୋଚନା କରିଥିଲେ । ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ୫ ଦିନିଆ ଏଆଇ ସମ୍ମିଳନୀ । ଏଆଇ ବ୍ୟବହାର, ପ୍ରସାର ଓ ବିକାଶ କ୍ଷେତ୍ରରେ ଏହି ସମ୍ମିଳନୀର ଯଥେଷ୍ଟ ଗୁରୁତ୍ୱ ରହିଛି ।

### ପ୍ରଶାନ୍ତ ମହାସାଗରରୁ ...

ଓମାର ଗାର୍ସିଆ ହାର୍ଫୁଚ୍ ଏକ୍ସରେ କହିଛନ୍ତି, ୩ଟି ମୋଟର ଚାଳିତ ଡଙ୍ଗାରୁ ଜବତ ହୋଇଥିବା କୋକେନକୁ ମିଶାଇ ଗୋଟିଏ ସପ୍ତାହ ମଧ୍ୟରେ ମୋଟ ପରିମାଣ ପ୍ରାୟ ୧୦ ଟନକୁ ବୃଦ୍ଧି ପାଇଛି। ରବିବାର, ଏଲ୍ ସାଲଭାଡୋରର ନୌସେନା ସର୍ବାଧିକ ୬.୬ ଟନ୍ କୋକେନ୍ ଜବତ କରିଛି। ନୌସେନା ଦକ୍ଷିଣ-ପଶ୍ଚିମରେ ୧୮୦ ଫୁଟ ଲମ୍ବା ତାଞ୍ଜାନିଆ-ପଞ୍ଜିକୃତ ଏକ ଡଙ୍ଗାକୁ ଅଟକାଇଥିଲା। ସେଥିରୁ ୩୩୦ ପ୍ୟାକେଟ୍ କୋକେନ୍ ଜବତ ହୋଇଛି। ଏହି ଅଭିଯାନରେ କଲମ୍ବିଆ, ନିକାରାଗୁଆ, ପାନାମା ଓ ଇକ୍ୱେଡରର ଦଶ ଜଣଙ୍କୁ ଗିରଫ କରାଯାଇଛି। ଗତ ବର୍ଷ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଡ୍ରଗ୍ସ ଜବତ ବୃଦ୍ଧି କରିବା ପାଇଁ ମେକ୍ସିକୋ ଉପରେ ଚାପ ପକାଇଥିଲା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ ପୂର୍ବ ଅପେକ୍ଷା ବର୍ତ୍ତମାନ ଡ୍ରଗ୍ସ ଗ୍ୟାଙ୍ଗ ବିରୁଦ୍ଧରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି।


## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ବାଗ୍‌ଦେବୀ ବିହାର, ସୁନହଟ, ବାଲେଶ୍ୱର
ଓଡ଼ିଶା ସରକାର ଶିକ୍ଷାବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି,
ଓଡ଼ିଶା ସହ ଅନୁବନ୍ଧିତ।
UDISE CODE NO- 21081300373

### ଶିକ୍ଷାବର୍ଷ- ୨୦୨୬-୨୭

Recognition Code No- SVSSSB/251/2022

**n-101:** ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭ ଶିକ୍ଷା ଅଧିକାର ୧୨- (୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ **www.rteparadarshi.odisha.gov.in** ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, **H.I.V** ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ **www.rteparadarshi.odisha.gov.in** ପୋର୍ଟାଲକୁ ଲଗଇନ୍ କରନ୍ତୁ। ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩. ୨୬ ରଖାଯାଇଅଛି। ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩. ୨୬ରୁ ୩୧.୦୩. ୨୦୨୬,ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣ ନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୨୮.୦୪.୨୬ ରଖାଯାଇଅଛି ।

ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬।
ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ ।
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ପ୍ରଧାନ ଗୁରୁଜୀ
ରାଜେନ୍ଦ୍ର ବାରିକ
ସୁନହଟ, ବାଲେଶ୍ୱର
ମୋ: ୭୦୦୮୦୫୫୩୦୪

୨୧ ଫେବୃଆରୀ ୨୦୨୬, ଶନିବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମିଲନ ଦେବୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବଡ଼ସାହି , ୨୦/୨ (ନି.ପ୍ର): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଯୋଗିନୂଆ ଗାଁ ଗ୍ରାମର ମିଲନ ଦେବୀ ଶିଶୁ ମନ୍ଦିରର ୧୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ସଭାରେ ସ୍ଥାନୀୟ ଶିକ୍ଷାବିତ୍ ଶିକ୍ଷକ ନୀରଦ ସୁନ୍ଦର ଜେନା ଅଧ୍ୟକ୍ଷତା କରିଥିଲା ବେଳେ ମିଲନ ଦେବୀ ଏଜୁକେସନାଲ ଟ୍ରଷ୍ଟ ଜିଲ୍ଲା ସଂଯୋଜକ ବିଦ୍ୟାଧର ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଭୂମିଦାତା ସ୍ୱର୍ଗତଃ ସର୍ବେଶ୍ୱର ମହାନ୍ତ ଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପଲ୍ଲବୀ ମହାନ୍ତ ବାର୍ଷିକ ବିବରଣୀ ଉପସ୍ଥାପନ କରି ଅନୁଷ୍ଠାନର ସଫଳତା ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶିଶୁ ମନ୍ଦିର କିପରି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶାରୀରିକ, ନୈତିକ ଓ ସାମାଜିକ ଆଦର୍ଶର ଗୁଣବତ୍ତା ଭରିଦେଇ ସେମାନଙ୍କୁ ଜଣେ ଜଣେ ଆଦର୍ଶ ମାନବ ଗଢି ତୋଳିପାରେ ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଶିଶୁ ପତ୍ରିକା କଇଁଫୁଲର ସଂପାଦକ ସାହିତ୍ୟିକ ପର୍ଶୁରାମ ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଗୁରୁଜୀ ଗୁରୁମା ମାନଙ୍କର ତ୍ୟାଗର ଗାଥା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଗୋପୀନାଥ ନାଏକ , ସମିତି ସଭ୍ୟ ତଥା ବିଦ୍ୟାଳୟର ସଂପାଦକ ନବୀନ କୁମାର ମହାନ୍ତ, ଧନପୁର ମିଲନ ଦେବୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମାଧବୀଲତା ମହାନ୍ତ, ପୂର୍ବତନ ସଂପାଦକ ଅଞ୍ଜନ କୁମାର ଜେନା, ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତ ତଥା ଭୂମିଦାତା ଦେବେନ୍ଦ୍ର ମହାନ୍ତ ମଞ୍ଚାସୀନ ରହି ମିଲନ ଦେବୀ ଶିଶୁ ମନ୍ଦିରର କାର୍ଯ୍ୟଧାରାର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର କାଜଲ ଗୁରୁଜୀ ଅତିଥି ମାନଙ୍କୁ ସ୍ୱାଗତ ସହିତ ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ଗୁରୁମା ବିନତି ମହାନ୍ତ, ସତ୍ୟଭାମା ମହାନ୍ତ, ସଂଗୀତା ମହାନ୍ତ ଓ ଶ୍ରୀଦେବୀ ମହାନ୍ତ ବିଶେଷ ସହଯୋଗ କରିଥିଲେ ।

# ଭାଗବତ ପାଠ ଅନୁଷ୍ଠାନର ୨୫ ତମ ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର , ୨୦/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡଳୀ ପଞ୍ଚାୟତର ନିମପଦା ଠାରେ ଥିବା ଭାଗବତ ପାଠ ଅନୁଷ୍ଠାନ ର ୨୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ଦାସ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପାଲା ଗାୟକ ପିତାମ୍ବର ଦାସ, ସମ୍ମାନିତ ଅତିଥି ଭାବରେ କବି ହରେକୃଷ୍ଣ ମଲ୍ଲିକ, ପୂର୍ବତନ ସରପଞ୍ଚ ଗୋପିନାଥ ବେହେରା, ସାମ୍ବାଦିକ ଭିଷ୍ମ ଚରଣ ମଲ୍ଲିକ, ସମାଜସେବୀ ସୃଷ୍ଟିଧର ସାହୁ, ପ୍ରମୁଖ ଯୋଗଦେଇ ଗୀତା, ଭାଗବତ, ପୁଥି ପଢିଲେ ଆଧାତ୍ମିକ ଜ୍ଞାନର ପରିପୋକତା ଓ ଶୃଙ୍ଖଳିତ ଜୀବନଚର୍ଯ୍ୟାର ପରିବର୍ତ୍ତନ ଆସିବ ବୋଲି ମତପୋଷଣ କରିଛନ୍ତି। ପ୍ରତିଷ୍ଠାତା ରାମହରି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ସୁଦାମ ଚରଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଲମ୍ବୁଧର ଧଳ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶଙ୍କର୍ଷଣ ମଲ୍ଲିକ, ସୁରେନ୍ଦ୍ର ଦାସ, ମଲ୍ଲିକା ପାତ୍ର, ଶାନ୍ତିଲତା ସାହୁ, କନକଲତା ସେନାପତି,ରୁଦ୍ରାଣୀ ସେଠୀ, ବିଣାପାଣି ନାୟକ, ବାସନ୍ତୀ ସାହୁ, ପ୍ରମୁଖ ପରିଚାଳନା କରିଥିଲେ।

# ଖୁବ ଶୀଘ୍ର ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ

ଭଦ୍ରକ, ୨୦/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଭଦ୍ରକ ଜିଲ୍ଲାର ଉନ୍ନତି ପାଇଁ ପ୍ରସ୍ତାବ କଲେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର । ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠକୁ ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ଆଧୁନିକ ଓ ସୁସଂଗଠିତ ତୀର୍ଥକ୍ଷେତ୍ରରେ ପରିଣତ କରିବା, କୋରକୋରାରେ ୮୦ଫୁଟ ଉଚ୍ଚ ଶ୍ରୀରାମଙ୍କ ପ୍ରତିମା ସହ ରାମାୟଣ ଆଧାରିତ ଥିମ୍ ପାର୍କ ଓ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ମାଧ୍ୟମରେ ଭଦ୍ରକକୁ ଧାର୍ମିକ ପର୍ଯ୍ୟଟନରେ ସ୍ଥାନ ଦେବା, ଅଟଳ ବସଷ୍ଟାଣ୍ଡ ଓ ଚରମ୍ପା ରେଲୱେ ଷ୍ଟେସନର ଆଧୁନିକ ସୁବିଧା ସହ ଉନ୍ନତୀକରଣ ଓ ସହର ମଧ୍ୟଦେଇ ପ୍ରବାହିତ ସାଳନ୍ଦୀ ନଦୀର ନଦୀତଟ ସୌନ୍ଦର୍ଯ୍ୟକରଣ, ଚରମ୍ପା କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା, ନଳାଙ୍ଗ ବାଇପାସ ରିଂ ରୋଡ୍ ପ୍ରକଳ୍ପର ନିର୍ମାଣ । ଭଦ୍ରକ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ମାଣର ଶିଳାନ୍ୟାସ ପାଇଁ ନିବେଦନ କରିଛନ୍ତି । ବିଧାୟକ ଶ୍ରୀ ମହାପାତ୍ରଙ୍କ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବା ସହ ଭଦ୍ରକର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ପୂର୍ବ ଘୋଷିତ ଦୁଇ ପ୍ରକଳ୍ପ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟର ଖୁବ୍‌ଶୀଘ୍ର ଶିଳାନ୍ୟାସ ହେବ ବୋଲି କହିଥିଲେ ।

# ଚୋରୀ ଭୟ: ରାତିରେ ଶୋଇପାରୁ ନାହାଁନ୍ତି ସାଧାରଣ ଲୋକେ




ଖଇରା, ୨୦/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଥିବା ପଞ୍ଚାୟତ ଗୁଡିକର ବାସିନ୍ଦାଙ୍କର ଚିନ୍ତା ଦିନକୁ ଦିନ ବଢିଚାଲିଛି । ଗୋଟେ ଚୋରୀ ବଢିଚାଲିଥିବା ବେଳେ ଅପରାଧି ଧରନପଡିବା ଏବଂ ତାସହିତ ସମାନ ତାଳରେ ଥାନାରେ କର୍ମଚାରୀ ହ୍ରାସ ଖଇରା ବାସୀଙ୍କ ଚିନ୍ତା ବଢାଇଚାଲିଛି । ଘରେ ତାଲା ଦେଇ କୁଆଡେ ଯିବାକୁ ଭୟ କରୁଥିବା ବେଳେ ଏଭଳି ଚିନ୍ତା ଖଇରାବାସୀଙ୍କ ନିଦ ହଜାଇ ଦେଇଛି । ଏଭଳି ଚିକିତ୍ସାପାଇଁ ରୋଗୀଙ୍କୁ ମେଡିକାଲ ଯାଉଥିବା ଆତ୍ମୀୟସ୍ୱଜନ ମାନେ ଚୋରୀ ଭୟ ଯୋଗୁ ଠିକରେ ଚିକିତ୍ସା କରାଇପାରୁନାହାଁନ୍ତି । ନିକଟରେ ମହତୀପୁର ଓ ଆମ୍ବଗଡିଆ ଗ୍ରାମର ୨ଟି ସ୍ୱର୍ଣ୍ଣକାତର ଘଟଣା ତଥା ଅନ୍ୟାନ୍ୟ ଛୋଟବଡ ଚୋରୀ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ସମଗ୍ର ଖଇରା ବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଗତ ୨୦୨୫ ମସିହାରେ ଓ ୨୦୨୬ ମସିହାରେ ଅଦ୍ୟାବଧି ଚୋରୀ ହିସାବକୁ ନେଲେ ପାଖାପଖି ୫୦ଟି ଚୋରୀ,ରାହାଜାନୀ,ଡକାୟତି ଓ ଛିନତାଇ ଭଳି ଘଟଣା ଘଟିଗଲାଣି । ଚୋରୀ ଘଟଣାକୁ ଲକ୍ଷ କଲେ ତାଲା ପଡିଥିବା ଘର ଓ ମନ୍ଦିରକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି । ନିକଟରେ ଆମ୍ବଗଡିଆ ଗ୍ରାମର ବଂଶୀଧର ମାଝୀ ଚିକିତ୍ସା ପାଇଁ କଟକ ବଡମେଡିକାଲ ଯାଇଥିବା ବେଳେ ତାଙ୍କ ଘରୁ ନଗଦ ୧୦ଲକ୍ଷ ଟଙ୍କା ଓ ଅନ୍ୟୁନ ୧୦ଲକ୍ଷ ଟଙ୍କାର ଅଳଙ୍କାର ଚୋରୀ ହୋଇଯିବା,ମହତୀପୁର ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ମୁଖୀ ଚିକିତ୍ସାପାଇଁ ବିଶାଖାପାଟଣା ଯାଇଥିବା ବେଳେ ତାଙ୍କ ଘରୁ ସମସ୍ତ ଅଳଙ୍କାର ଲୁଟ ହେବା,ଗାଁରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇ ନନ୍ଦୁର ପଞ୍ଚାୟତ ଭାଲୁକି ଗ୍ରାମର କମଳା ବେହେରା ଓ ଜଳଦା ପଞ୍ଚାୟତ ତୁଟୋ ଗ୍ରାମର ଭଗବାନ ବାରିକଙ୍କ ଘରୁ ଚୋରୀ ଭଳି ବହୁ ଘଟଣା ତଥା ଅସଂଖ୍ୟ ଦୋକାନ ଚୋରୀ ଘଟଣା ସାଧାରଣ ଲୋକଙ୍କ ନିଦ ଚୋରାଇ ନେଇଛି । ଚୋରୀ ବଢିଚାଲିଥିବା ବେଳେ ଏତେବଡ ଥାନାରେ ଆଇଆଇସିଙ୍କୁ ଛାଡି ଦେଲେ ମାତ୍ର ୩ଜଣ ଏଏସଆଇଙ୍କୁ ସବୁକଥା ବୁଝିବା ମୁସ୍କିଲ ତାହା ନୁହେଁ ଚୋରୀ ପାଇଁ ବାଟ ପରିଷ୍କାର କରୁଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ଷ୍ଟାଫ ବଢାଇବା ନେଇ ଏସପିଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି ।

# ସ୍ୱର୍ଗତ ସସ୍ମିତା ପାତ୍ରଙ୍କ ସ୍ମୃତି ଚାରଣ ସଭା ପାଳିତ

ବସ୍ତା , ୨୦/୨ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟରେ ସସ୍ମିତା ପାତ୍ରଙ୍କ ସ୍ମୃତି ଚାରଣ ସଭା ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଯୁବ ସମାଜସେବୀ ଡକ୍ଟର ଅମର କୁମାର ପାଳ ଏହି ସଭାରେ ପୌରହିତ୍ୟ କରିଥିଲେ। ସସ୍ମିତା ପାତ୍ର ମୃତ୍ୟୁ ବେଳକୁ ତାଙ୍କୁ ୩୬ବର୍ଷ ହୋଇଥିଲା। ସେ ମୂକ ଓ ବଧିର ବିଦ୍ୟାଳୟର ପୂର୍ବତନ କର୍ମଚାରୀ ଥିଲେ। ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଂଜୁବତି ବିଶ୍ୱାଳ ତାଙ୍କ ମୃତ୍ୟୁରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିବା ସହିତ ନିଜର କୋହକୁ ସମ୍ଭାଳିପାରି ନଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ମେଳାପି ମଣିଷ ଥିଲେ। ତାଙ୍କରି ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରି ସର୍ବ ଶେଷରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭାସାଙ୍ଗ କରାଯାଇଥିଲା ।

# ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଗଣେଶ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ବାଲିଆପାଳ , ୨୦/୨ (ନି.ପ୍ର): ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଶ୍ରଦ୍ଧାପତି ଜଗନ୍ନାଥ ମନ୍ଦିର ପରିସର ରେ ଅବସର ପ୍ରାପ୍ତ ଅଧକ୍ଷ ଡ଼ ହୃଦୟ ରଞ୍ଜନ ତ୍ରିପାଠୀ ଙ୍କ ଆର୍ଥିକ ଅନୁଦାନ ରେ ଗଣପତି ଦେବଙ୍କ ଏକ ଭବ୍ୟ ମନ୍ଦିର ଭୂମି ପୂଜନ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଇ ଯାଇଛି . ଏଥିରେ ଡ଼ ହୃଦୟରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ମନ୍ଦିର ପୂଜକ ଓ ଅନ୍ୟ ପୂଜକ ଙ୍କ ସହଯୋଗ ରେ କାର୍ଯ୍ୟଟି ଶେଷ କରାଯାଇଛି । ମନ୍ଦିର ପରିଚାଳନା କମିଟି ର ସଭାପତି ବ୍ରଜ କିଶୋର ଭୂୟାଁ ,ସମ୍ପାଦକ ପ୍ରଫୁଲ୍ଲ ସାହୁ , ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ , ମଧୁସୁଧନ ବାରିକ , ମଧୁସୁଧନ ସାହୁ, ପ୍ରିୟନାଥ ସେଠି, କାଳିଚରଣ ଦେ ,ସୁଶାନ୍ତ କୁମାର ଚକ୍ରବର୍ତୀ ଓ ଦିବ୍ୟକାମ ମହାନ୍ତି ସହଯୋଗ କରିଥିଲେ।

# ଶିକାରମୁକ୍ତ ଶିମିଳିପାଳ ପାଇଁ ବନ ବିଭାଗକୁ ବଡ଼ ସଫଳତା

## ୩୯ ଶିକାରୀଗିରଫ, ବ୍ୟାପକ ବନ୍ଧୁକ ଓ ଶିକାର ସାମଗ୍ରୀ ଜବଦ

ବାରିପଦା , ୨୦/୨ (ନି.ପ୍ର): ଶିମିଳିପାଳକୁ ଶିକାରମୁକ୍ତ କରିବା ପାଇଁ ସରକାର ଏବଂ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଥିଲେ ମଧ୍ୟ ଶିମିଳିପାଳରେ ଶିକାର ବନ୍ଦ ହେଉନି। ଶିକାର ରୋକିବା ପାଇଁ ଶିମିଳିପାଳରେ ଏଆଇ ଟ୍ରାପ କ୍ୟାମେରା ଲଗାଯାଇ ଶିକାରୀ ମାନଙ୍କର ଗତିବିଧି ଉପରେ ୨୪ଘଣ୍ଟା ନଜର ରଖା ଯାଉଛି। ଟ୍ରାପ କ୍ୟାମେରା ଆଧାରରେ ଇତି ମଧ୍ୟରେ ବହୁ ଶିକାରୀ ମଧ୍ୟ ଧରା ହେଲେଣି. ତେବେ ଗୁରୁବାର ରାତି ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରେ ସାମୁହିକ ଭାବେ ଶିକାର କରିବାକୁ ପ୍ରବେଶ କରିଥିବା ଶିକାରୀ ଦଳଙ୍କ ଗତିବିଧି ଏଆଇ କ୍ୟାମେରାରେ ଟ୍ରାପ ହେବାପରେ ଶିମିଳିପାଳ ଦକ୍ଷିଣ କର୍ମଚାରୀଙ୍କ ୨୪ ଘଣ୍ଟାର ଅପରେଶନ ପରେ ୩୯ଜଣ ଶିକାରିକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୯ଟି ଦେଶୀ ବନ୍ଧୁକ ୨୦ ଧନୁତୀର, ବିପୁଳ ପରିମାଣର ବନ୍ଧୁକ ପାଉଡର ସହ ବିଭିନ୍ନ ଶିକାର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବନ ବିଭାଗର ଚଢ଼ାଉ ବିଷୟରେ ଜାଣିପାରି ଶିକାରୀ ମାନେ କୌଣସି ବିରୋଧ ନକରି ଆତ୍ମ ସମର୍ପଣ କରିଥିଲେ. ଗିରଫ ଅଭିଯୁକ୍ତ ମାନେ ହେଲେ ଉଦଳା ଥାନା ଅଧିନ ଅମ୍ବିକାଦେଇପୁର, ମହାଲିସାହି, ଲୁକୁଇଡା, ମାଟାକମଟଲା, ଜିତୁସାହି, ଖଲାଡି, ଲଙ୍ଗାଡି ଗ୍ରାମର ଶିକାରୀ ବୋଲି ଚିହ୍ନଟ କରାଯାଇଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି।

# 'ମନା'ର ଦଶମ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୦/୨ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଶୁକ୍ରବାର ନେଳିଆବାଗସ୍ଥିତ ଅଫିସ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତମାସର ବିବରଣୀ ପାଠ କରିଥିଲେ। ସୋର ବ୍ଲକ୍‌ର ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ ମଦ୍ୟପାନଜନିତ ମୃତ୍ୟୁ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଆସନ୍ତାକାଲି ଅପରାହ୍ଣରେ ଉପଦେଷ୍ଟା ସୁବ୍ରତ କରଙ୍କ ନେତୃତ୍ୱରେ 'ମନା'ର କର୍ମକର୍ତ୍ତାମାନେ ସାକ୍ଷାତ କରି ଆଲୋଚନା କରିବେ ବୋଲି ବୈଠକରେ ସ୍ଥିର କରାଗଲା। ଚଳିତବର୍ଷ ତା ୧୯-୦୪-୨୦୨୬ ରିଖରେ 'ମନା'ର ଦଶମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଗଲା ଏବଂ ଆଲୋଚନା କରାଯାଇ ବିଭିନ୍ନ କମିଟିମାନ ମଧ୍ୟ ଗଠନ କରାଗଲା। ଶ୍ରୀମତୀ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ସଞ୍ଜୟ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଗଙ୍ଗାଧର ପୃଷ୍ଟି, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, ନିରଞ୍ଜନ ରାଉତ, ତ୍ରିଦିବ ନାୟକ, ବସନ୍ତ କୁମାର ପ୍ରଧାନ, ଶୁଭଙ୍କର ମହାପାତ୍ର, ଶ୍ୟାମସୁନ୍ଦର ଜେନା ଓ ଆଭାସୀ ମାଧ୍ୟମରେ କମଳାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜଧାନୀରେ ଅଟକିଲା ବାଲ୍ୟ ବିବାହ

ଭୁବନେଶ୍ୱର, ୨୦/୨ (ନି.ପ୍ର): ଭୁବନେଶ୍ୱର ଓଲ୍ଡ ଟାଉନ ଏରିଆରେ ବାଲ୍ୟ ବିବାହ ଚାଲୁଥିବା ଖବର ପାଇ ହିନ୍ଦୁ ସଂଗଠନ ସହିତ ଲିଙ୍ଗରାଜ ଥାନା ପୋଲିସ ଓ ଚାଇଲ୍ଡଲାଇନ ପହଂଚି ଏହାକୁ ରୋକିଛନ୍ତି। ଲିଙ୍ଗରାଜ ମନ୍ଦିର ପାଖରେ ଥିବା ଏକ ମଣ୍ଡପରେ ୧୬ ବର୍ଷ ଝିଅ ସହିତ ୪୫ ବର୍ଷ ବ୍ୟକ୍ତିର ବାହାଘର ଲୁଚାଇ ହେଉଥିବାର ଖବର ଆସିଥିଲା। ଖବର ପାଇ ମହିଳା ସଂଗଠନ ସେଠାରେ ପହଂଚିଥିଲା। ଝିଅର ବୟସ କୁ ନେଇ ଉତେଜନା ଦେଖା ଦେଇଥିବା ବେଳେ ଲିଖିତ ଅଭିଯୋଗ ହେବା ପରେ ବାହାଘର ଅଟକିଥିଲା।

# ଫେବୃଆରୀ ୨୩ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୦/୨ (ନି.ପ୍ର): ଆସନ୍ତା ସୋମବାର ଫେବୃଆରୀ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦରହିବ । ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତର ଥିବାରୁ ଆସନ୍ତା ସୋମବାର 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣ ମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଆସନ୍ତା ୨୫ରେ ସମ୍ଭାବନା ଟ୍ରଷ୍ଟର ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

ଖଇରା, ୨୦/୨ (ନି.ପ୍ର): ଆସନ୍ତା ୨୫ତାରିଖରେ ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ବାଲେଶ୍ୱର ଜିଲା ଖଇରା ବ୍ଲକର ବ୍ରାହ୍ମଣପୋଖରୀ ଠାରେ (ଏସ.ଆର. ଗ୍ରୁପ କ୍ୟାମ୍ପସ ପାଖ) ଅନୁଷ୍ଠିତ ହେବାକୁ ଥିବା ଏହି ଶବିରରେ ସବୁ ପ୍ରକାରର ରକ୍ତ ପରୀକ୍ଷା କରାଯିବା ସହ ଭେଷଜ ଓ ଚର୍ମରୋଗ ବିଶେଷଜ୍ଞ ମାନେ ଉପସ୍ଥିତ ରହି ରୋଗୀ ମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ । ଏହି ପରିପ୍ରେକ୍ଷୀରେ ଏସ୍ତୁସ୍ତୁତି ବୈଠକ ଏସଆର ଗ୍ରୁପର ନିର୍ଦ୍ଦେଶକ ଇଂ ରାଜେଶ କୁମାର ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଟ୍ରଷ୍ଟୀ ଅନୁସରଣ ମହାକୁଡ,ସଦସ୍ୟ ମହେଶ୍ୱର ନାଥ,ପର୍ଶୁରାମ ମହାକୁଡ,ଦିନେଶ ଜେନା,ଉମେଶ ଜେନା,ଉମେଶ ଗାହାଣ,ଦିପ୍ତିକାନ୍ତ ବେହେରା,ବ୍ୟକ୍ତହରି ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ କିଭଳି ଶୃଙ୍ଖଳାର ସହ ଶେଷ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

# ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନରେ ରିତୁନଙ୍କ ଶତକ



ବାରିପଦା , ୨୦/୨ (ନି.ପ୍ର): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନର ୧ମ ମ୍ୟାଚରେ ଏଞ୍ଜେଲ ରଣା ୩୦ ରନରେ ମହାକାଳ ଦଳକୁ ପରାସ୍ତ କରିଥିଲା ଓ ଏଞ୍ଜେଲ ରଣା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିବା ବେଳେ ମହାକାଳ ୧୨ ଓଭରରେ ୯ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିପାରିଥିଲେ ଓ ଏଞ୍ଜେଲ ରଣା ଦଳର ରଶ୍ମିରଂଜନ ରାଜ ସର୍ବାଧିକ ୬୦ ରନ ଓ ସୁରେଶ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ମହାକାଳ ସାଇ ପ୍ରକାଶ ପାତ୍ର ସର୍ବାଧିକ ୩୩ ରନ ସଂଗ୍ରହ କରିଥିଲେ ଓ ୨ୟ ମ୍ୟାଚରେ ଦାନୀ ଏକାଦଶ ୧୫୦ ରନରେ ପରି ଚାଲେଞ୍ଜର ଦଳକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଦାନୀ ଏକାଦଶ ୧୨ ଓଭରରେ ୭ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିବା ବେଳେ ପରି ଚାଲେଞ୍ଜର ୧୧. ୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୩ ରନ ସଂଗ୍ରହ କରିପାରିଥିଲେ ଓ ଦାନୀ ଦଳର ରିତୁନ ମହାନ୍ତି ସର୍ବାଧିକ ୧୦୧ ରନ ଓ ସତ୍ୟନାରାୟଣ ମଲିକ ୫୪ ରନ ସଂଗ୍ରହ କରିଥିଲେ ଓ ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ ଓ ପୂର୍ବଦିନର ୩ୟ ମ୍ୟାଚରେ ଭାମ୍ପାୟାର ମାରୁତି ସ୍ପୋର୍ଟସ ୨ ରନରେ ଜଗନ୍ନାଥ ୱରିୟାରକୁ ଓ ୪ର୍ଥ ମ୍ୟାଚରେ ମୟୁରଭଞ୍ଜ ରୟାଲସ ୮ ରନରେ ପରି ଚାଲେଞ୍ଜରକୁ ପରାସ୍ତ କରିଥିଲା ଓ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଉଦ୍ୟୋଗପତି ହୃଷିକେଶ ମହାପାତ୍ର ଓ ଯୋଗେଶ୍ୱର ବେହେରା ( ମଣ୍ଟୁ ଭାଇ ) ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ଉପ ସଭାପତି ରମାକାନ୍ତ ଦାସ, ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି ଉପସ୍ଥିତ ଥିଲେ।

# ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହିଁ 'କୁନି'

ଉଦଳା, ୨୦/୨ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖଡ଼ିଖାଣିଆଁ ଗ୍ରାମର ବାସିନ୍ଦା ସାନଗରା ସିଂଙ୍କ ୧୪ ବର୍ଷ ବୟସର କନ୍ୟା 'କୁନି' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । 'କୁନି'ର କହିବାଅନୁସାରେ ସେ ଅଙ୍ଗନୱାଡ଼ି ପାସ କରିବା ପରଠାରୁ ନିୟମିତ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଖଲି ଟିପନ୍ତି ଓ ଏହାକୁ ବିକ୍ରୟ କରି ଯେଉଁ ପଇସା ରୋଜଗାର କରନ୍ତି ତାହା ପରିବାରକୁ ପ୍ରଦାନ କରିଥାନ୍ତି । ଏହିପରି ବର୍ଷପରେ ବର୍ଷ ସମୟ ବିତିଯାଇଛି । କିନ୍ତୁ 'କୁନି' ଆଦୌ ବିବଦ୍ୟାଳୟର ମାଟି



ମାଡ଼ିନଥିବାର କଥା କହିଛନ୍ତି । 'କୁନି' ଓ ପରିବାର ଲୋକଙ୍କ ଅଗଚୋରରେ ଯଦି କୌଣସି ବିଦ୍ୟାଳୟରେ ତାଙ୍କର ନାମ ଗଡ଼ିଚାଲିଥିବ ତାହା ତାଙ୍କୁ ଜଣାନଥିବାର କଥା ଜଣାଇଛନ୍ତି । ଏହିଭଳି ଅନେକ ବିଦ୍ୟାଳୟରେ ସରକାରୀ ଫାଇଲ ଚାଷରେ ସବୁଠିକ୍ ଠାକ୍ ଚାଲିଛି ବୋଲି ଦର୍ଶାଯାଉଥିବାର କଥା ଏବେ ଆଉ କାହାକୁ ଅଛପା ନାହିଁ । କିନ୍ତୁ ବାସ୍ତବଚିତ୍ର ସମ୍ପୂର୍ଣ୍ଣ ଓଲଟା ଏକଥା ମଧ୍ୟ ସମସ୍ତଙ୍କୁ ବେଶ ଭଲଭାବରେ ଜଣା । ସରକାରୀ ବାବୁଙ୍କ ମିଛ ଫାଇଲ ଚାଷ ଦେଖି ସମସ୍ତେ ଆଖିବୁଜି ଦେଉଥିବା ବେଳେ ଏପଟେ ଶହ ଶହ ସଂଖ୍ୟାରେ ପିଲାଙ୍କ ଭବିଷ୍ୟତ ଘୋର ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଉଛି । ସମଗ୍ର କପ୍ତିପଦା ଉପଖଣ୍ଡରେ ଏହିଭଳି ଦୃଶ୍ୟ ନିୟମିତ ବହୁଳ ଭାବରେ ଦେଖିବାକୁ ମିଳୁଥିବା ବେଳେ କୌଣସି ମହଲରେ ଏହାର ବିରୁଦ୍ଧରେ ସ୍ୱର ନଉଠିବା ଯୋଗୁଁ ଆଗାମୀ ଦିନରେ ଦେଶକୁ ଭୟଙ୍କର ବିପଦ ମାଡ଼ି ଆସୁଛି ବୋଲି ଜ୍ଞାନି ଗୁଣି ଲୋକେ ମତ ଦେଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida